## ସଂକ୍ଷେପରେ

### ପରୀକ୍ଷା ଦେବାକୁ ଆସି ଛାତ୍ରୀ ନିଖୋଜ

ଦେଓଗାଁ,୨୬।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ କରୁଆଁଝର ଗାଁର ଜଣେିକା ଛାତ୍ରୀ କଲେଜକୁ ପରୀକ୍ଷା ଦେବାକୁ ଆସି ନିଖୋଜ ହୋଇଯାଇଥିବା ଅଭିଭାବକ ଥାନାରେ ଲିଖିତଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି ଥାନାଧିକାରୀ ହରିବନ୍ଧୁ ଗଡତ୍ୟା। ମଙ୍ଗଳବାର ଛାତ୍ରୀ ଜଣକ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜକୁ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ଦେବାପାଇଁ ଆସିଥିଲେ। ପରୀକ୍ଷା ଦେବାପରେ ଘରକୁ ନଯାଇ ସେ କୁଆଡେ ଚାଲିଯାଇଥିଲେ । ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ କଲେଜର ଅଧ୍ୟକ୍ଷ ପୁରୁଷୋତ୍ତମ ମେହେରଙ୍କୁ ପଚାରିବାରୁ ସମ୍ପୃକ୍ତ ଛାତ୍ରୀ ପରୀକ୍ଷା ଦେବାପାଇଁ ଆସିଥିଲେ। ସିସିଟିଭି ଯାଞ୍ଚପରେ ସେ ଅପରାହ୍ନ ୧୨ଟା ୩୮ ମିନିଟରେ କଲେଜରୁ ବାହାରି ଯାଇଥିଲେ ବୋଲି ସୂଚନା ଦେଇଥିଲେ ।

### କଣ୍ଟାବାଞ୍ଜି ଏନ୍‌ଏସିରେ ବିଧାୟକଙ୍କୁ ସମ୍ବର୍ଦ୍ଧନା

କଣ୍ଟାବାଞ୍ଜି,୨୬।୬(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି କର୍ମଚାରୀମାନଙ୍କ ପକ୍ଷରୁ ବୁଧବାର ନବନିର୍ବାଚିତ ବିଧାୟକ ଲକ୍ଷ୍ମଣ ବାଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏନଏସି ସଭାଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଏନଏସି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ କିପରି ମୌଳିକ ସୁବିଧା ସୁଯୋଗ ସହଜରେ ପାଇ ପାରିବେ ସେଥିପ୍ରତି କର୍ମଚାରୀମାନେ ନିଷ୍ଠାର ସହ କାମ କରିବା ପାଇଁ ବିଧାୟକ ବାଗ କର୍ମଚାରୀମାନଙ୍କୁ ଅନୁରୋଧ କରିଥିଲେ। ସଭାରେ ମ୍ୟୁନିସିପାଲ ଇଞ୍ଜିନିୟର ଅଶୋକ କୁମାର ପଟ୍ଟନାୟକ, ଭାଜପା କାଉନସିଲର ନୀଳକଣ୍ଠ ଶତପଥୀ, ଜିଲା ଭାଜପା ସଭାପତି ଶିବାଜି ମହାନ୍ତି, ଲୋକ ସଭା ଏମ୍‌ପି ପ୍ରତିନିଧି ଘାସିରାମ ଜୈନ, ବେଦବ୍ୟାସ ନାଗ, ପ୍ରତୀପ ବାଗ, ଅଞ୍ଜୁ ଶର୍ମା, ଦୀପକ ସେଲମା ପ୍ରମୁଖ ଉପସ୍ଥିତ ଥିଲେ । ତେବେ ସମ୍ବର୍ଦ୍ଧନା ଅବସରରେ ନଗରପାଳ, ଉପନଗରପାଳ କିମ୍ବା ଅନ୍ୟ ଦଳର କାଉନସିଲରମାନେ ଉପସ୍ଥିତ ନ ଥିଲେ।

### ରାସ୍ତା ଶୋଚନୀୟ, ହେଉନି ମରାମତି

ପାଟଣାଗଡ଼,୨୬।୬(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଭଇଁଷା ଗାଁର କଲେଜ ରାସ୍ତା ଶୋଚନୀୟ ହୋଇ ପଡିଛି। ମେଟାଲ ଉଠି ରାସ୍ତାରେ ବିଛାଇ ହୋଇ ପଡ଼ିଛି। ଏଥିଯୋଗୁ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇ ପଡୁଛି। ଏହି ରାସ୍ତା ଜ୍ୟୋତି ବିକାଶ କଲେଜ ଦେଇ ବଲାଙ୍ଗୀର ପାଟଣାଗଡ ରାସ୍ତାକୁ ସଂଯୋଗ କରୁଛି। ଆଖପାଖ ଅଞ୍ଚଳର ଲୋକେ ଓ ସ୍କୁଲ କଲେଜଛାତ୍ରୀଛାତ୍ର ପଢିବା ପାଇଁଯିବା ଆସିବା କରନ୍ତି। ଭଇଁଷା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏହା ମଧ୍ୟ ଏକମାତ୍ର ରାସ୍ତା । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ରାସ୍ତା ଉନ୍ନତୀକରଣ କରିବାକୁ ସାଧାରଣରେ ଦାବି ହେଉଛି।

### କଣ୍ଟାବାଞ୍ଜି ସିଏଚ୍‌ସିକୁ ଉପଖଣ୍ଡସ୍ତରୀୟ ହସ୍ପିଟାଲ ମାନ୍ୟତା ଦାବି

କଣ୍ଟାବାଞ୍ଜି, ୨୬।୬(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)କୁ ଉପଖଣ୍ଡସ୍ତରୀୟ ହସ୍ପିଟାଲର ମାନ୍ୟତା ଦେବାକୁ ଦାବି ହୋଇଛି। ଏ ନେଇ କଣ୍ଟାବାଞ୍ଜି ବିକାଶ ସମିତି ଏକ ଦାବିପତ୍ର ନବ ନିର୍ବାଚିତ ବିଧାୟକ ଲକ୍ଷ୍ମଣ ବାଗଙ୍କୁ ପ୍ରଦାନ କରିଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, କଣ୍ଟାବାଞ୍ଜି ସିଏଚ୍‌ସି ଉପରେ କଣ୍ଟାବାଞ୍ଜି ସହରବାସୀଙ୍କ ସହ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ, ବେଲପଡା ବ୍ଲକ ତଥା ପଡୋଶୀ ନୂଆପଡା ଜିଲାର ଲୋକେ ନିର୍ଭର କରନ୍ତି। ଆବଶ୍ୟକ ଡାକ୍ତର ପଦବୀ ପୂରଣ ସହିତ ଡାକ୍ତରଖାନାକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନାକୁ ଉନ୍ନୀତ କଲେ ଲୋକେ ଉପକୃତ ହୋଇପାରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ର ବିଧାୟକ ଲକ୍ଷ୍ମଣ ବାଗଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ବିବେକ ଶର୍ମା, ବେଦବ୍ୟାସ ନାଗ, ଦୀପକ ସେଲମା, ଅକ୍ଷୟ ମେହେର, ଦାମୋଦର ମେହେର, ଯୁଧିଷ୍ଠିର ଜାଲ, ଆନ୍ନ ସାହୁ, କ୍ଷିର ବଛା ପ୍ରମୁଖ ଉପସ୍ଥିତ ଥିଲେ।

# ଜନସେବାରେ ସମର୍ପିତ ହୋଇ କାମକର

ଦେଓଗାଁ,୨୬।୬(କୃଷ୍ଣପ୍ରସାଦ ପାଣିଗ୍ରାହୀ)


ବିଧାୟକ କଲିକେଶ ନାରାୟଣ ସିଂଦେଓ ବିଭିନ୍ନ ବିଭାଗର ସମୀକ୍ଷା କରୁଛନ୍ତି।

**ଦେଓଗାଁ ବ୍ଲକରେ ବିଧାୟକଙ୍କ ସମୀକ୍ଷା ବୈଠକ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାକକ୍ଷରେ ବୁଧବାର ବିଧାୟକ କଲିକେଶ ନାରାୟଣ ସିଂଦେଓଙ୍କ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ଅଧ୍ୟକ୍ଷତା ତଥା ବିଡିଓ କ୍ଷମାନିଧି ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବିଧାୟକ ସିଂଦେଓ, ସମ୍ମାନୀତ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗଦେଇଥିଲେ। ଦେଓଗାଁର ବନ୍ଦ ପଡିଥିବା ବିଜୟାନନ୍ଦ ସମବାୟ ଚିନିକଳକୁ ପୁନଃଚାଲୁ କରିବା ଓ ବିଲୁପ୍ତ ଅବସ୍ଥାରେ ରହିଥିବା ମେଷ ପ୍ରଜନନ କେନ୍ଦ୍ରର ପୁନରୁଦ୍ଧାର ପାଇଁ ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣର ସମୀକ୍ଷା କରିବା ସହ ଜନସେବାରେ ନିଜକୁ ସମର୍ପିତ କରି କାମ କରିବାପାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିଧାୟକ। ଯେଉଁ ଗାଁ ତଥା ପଡା ମାନଙ୍କୁ ପାନୀୟଜଳ ଯୋଗାଣ ହୋଇପାରୁନାହିଁ ତାର ସବିଶେଷ ତଥ୍ୟ ସେ ମାଗିଥିଲେ। ଆଗକୁ ବ୍ଲକର ସମସ୍ତ ଗାଁରେ ପାନୀୟଜଳ ଯୋଗାଣ କେମିତି ନିରନ୍ତରଭାବେ ହୋଇପାରିବ ସେନେଇ ତତ୍ପରତାର ସହ କାମ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିସିନ, ସର୍ଜରୀ ଓ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ତଥା ଆବଶ୍ୟକ ନର୍ସ ନଥିବାରୁ ରୋଗୀ ମାନେ ଅସୁବିଧା ଭୋଗୁଥିବା ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ ଡା.ଚିତ୍ତରଞ୍ଜନ ମିଶ୍ର ଅବଗତ କରିଥିଲେ। ଅର୍ଜୁନପୁର ପଞ୍ଚାୟତର ବ୍ରାହ୍ମଣୀପଲା ବନୀକରଣ ନାରେ ଲକ୍ଷାଧିକ ଟଙ୍କା ବାଟମାରଣର ତଦନ୍ତ ଦାବି କରିଥିଲେ ଜନପ୍ରତିନିଧି। ବ୍ଲକରେ ଆମ୍ବ ଉତ୍ପାଦନ ବୃଦ୍ଧିପାଇଥିବା ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତ ଦର୍ଶାଇଥିବା ବେଳେ ଫୁଡ ପ୍ରୋସେସିଂ କେନ୍ଦ୍ର ସ୍ଥାପନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ ବିଧାୟକ। ପରେ ସମନିତ ଶିଶୁ ବିକାଶ ପ୍ରକଳ୍ପର କାମ ଉପରେ ସିଡିପିଓଙ୍କୁ ପଚାରିଥିଲେ। ତେବେ ପ୍ରାୟତଃ ଗାଁରେ ପ୍ରିକ୍ଲାସ ହେଉ ନ ଥିବା ଓ ଶିଶୁଙ୍କ ଖାଦ୍ୟ ବାଟମାରଣ ହେଉଥିବା ଅନେକ ଜନପ୍ରତିନିଧି ଅଭିଯୋଗ ଉଠାଇଥିଲେ। ଏକ ଟିମ୍ ଗଠନ କରି ଏହାର ତଦନ୍ତ କରି ରିପୋର୍ଟ ଦେବାପାଇଁ ବିଧାୟକ ସିଂଦେଓ ନିର୍ଦ୍ଦେଶ ଦେଇଥିଲେ । ବ୍ଲକରେ ବିଭିନ୍ନ ଯୋଜନାରେ କୋଟିକୋଟି ଟଙ୍କା ପଡିରହିଥିବା ବେଳେ କାମ ହୋଇପାରୁନାହିଁ। ଆଗକୁ ସମସ୍ତ ଉନ୍ନୟନ କାମ ତ୍ୱରାନିତ କରିବାକୁ ବିଡିଓ ଓ ସହକାରୀ ଯନ୍ତ୍ରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ତହସିଲଦାର ବିକ୍ରମ କେଶରୀ ନାଏକ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତି ସେଠ, ବ୍ଲକ ବିଜେଡି ସଭାପତି ଶୁଶିଳ କୁମାର ଚାନ୍ଦ ତଥା ସମିତି ସଭ୍ୟ, ସରପଞ୍ଚ ତଥା ସମସ୍ତ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଏବିଡିଓ ପୁଷ୍ପାଞ୍ଜଳି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଇଖାନାରୁ ମହିଳାଙ୍କ ମୃତଦେହ ଜବତ ଘଟଣା: ଜେଲଗଲେ ସ୍ୱାମୀ

ଲୋଇସିଂହା,୨୬।୬(ସୁଶାନ୍ତ ବାରିକ)


ଅଭିଯୁକ୍ତ ଲେକ୍ରୁ ରଣା।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସାଲେଭଟା କୁମ୍ଭାରପଡାର ଲଳିତା ରଣା(୫୦)ଙ୍କ ମୃତଦେହ ଘର ପାଇଖାନରୁ ଜୁନ ୨୩ ସନ୍ଧ୍ୟାରେ ପୋଲିସ ଜବତ କରିଥିଲା । ଲଳିତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ତାଙ୍କ ସ୍ୱାମୀ ଲେକ୍ରୁ ରଣା(୬୦)ଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏ ନେଇ ଥାନାରେ ଏକ ମାମଲା(ନଂ.୨୨୨/୨୪) ରୁଜୁ ହୋଇଥିବା ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ୨୬ଝିଅଙ୍କ ବିବାହ ପରେ ସାଲେଭାଟ କୁମ୍ଭାରପାଡରେ ସ୍ତ୍ରୀ ଲଳିତାଙ୍କ ସହ ରହୁଥିଲେ ଲେକ୍ରୁ ରଣା । ପୂର୍ବରୁ ତାଙ୍କର ଗୋଟିଏ ଝିଅ ଓ ପୁଅର ମୃତ୍ୟୁ ହୋଇ ସାରିଛି। ବରଗଡ ଜିଲା ବରପାଲି ଅଞ୍ଚଳରେ ବିବାହ କରିଥିବା ଝିଅ ରଶ୍ମିତାଙ୍କୁ ଜୁନ ୨୨ସନ୍ଧ୍ୟାରେ ଲେକ୍ରୁ ମିସ୍‌କଲ କରିଥିଲେ। ରଶିତା କଲବ୍ୟାକ କରି କଥା ହୋଇଥିଲେ। ମା'ଙ୍କ ସମ୍ପର୍କରେ ପଚାରିବାରୁ ଘରୁ କୁଆଡେ ଚାଲି ଯାଇଥିବା କହିଥିଲେ ଲେକ୍ରୁ। ୨୩ ତାରିଖରେ ରଶ୍ମିତା ଏବଂ ତାଙ୍କ ସ୍ୱାମୀ ସାଲେଭଟାରେ ପହଞ୍ଚ ମା'ଙ୍କୁ ଖୋଜାଖୋଜି କରିଥିଲେ । ଅପରାହ୍ନରେ ରଶ୍ମିତା ଘର ପାଇଖାନକୁ ଶୌଚ ପାଇଁ ଯିବାବେଳେ ମା'ଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ । ବେକରେ ଫାଶ ପଡିଥିବାବେଳେ ପାଇଖାନା ଚଟାଣରେ ପାଦ ଲାଗି ରହିଥିଲା। ପାଟିରେ କପଡା ରହିଥିବାରୁ ମୃତ୍ୟୁକୁ ନେଇ ସନ୍ଦେହ କରିଥିଲେ ରଶ୍ମିତା । ମା'ବାପାଙ୍କ ମଧ୍ଯରେ ନିୟମିତ ଝଗଡା ହେଉଥିବାରୁ ମାକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ସନ୍ଦେହ କରି ରଶ୍ମିତା ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ।

# ବିଧାୟକଙ୍କୁ ସମ୍ବର୍ଦ୍ଧିତ କଲା ଯାଦବ ସମାଜ


ଯାଦବ ସମାଜର ଜଣେ କର୍ମକର୍ତ୍ତା ବିଧାୟକ ବାଗଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କଣ୍ଟାବାଞ୍ଜି, ୨୬।୬(ଗୁରୁ ଦୟାଲ ହଂସ)

ଗତ ୨୪ବର୍ଷ ହେଲା ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଆଖିଦୃଶିଆ ବିକାଶ ହୋଇନାହିଁ। ଚଳିତ ଥର ଲୋକେ ପରିବର୍ତ୍ତନ ସପକ୍ଷରେ ମତଦେଇ ଭାଜପାକୁ ଶାସନଭାର ଦେଇଛନ୍ତି। ଏହି ଗୁରୁଦାୟତ୍ୱ ବହନ କରି ଆମେ ବିକାଶ ଗ୍ରାମାଞ୍ଚଳରୁ ଆରମ୍ଭ କରିବ ବୋଲି କହିଛନ୍ତି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ଭାଜପା ବିଧାୟକ ଲକ୍ଷ୍ମଣ ବାଗ। ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ତୁରେକେଲା ବ୍ଲକ ଯାଦବ ସମାଜ ପକ୍ଷରୁ ଘୁନେଶ ହାଇସ୍କୁଲ ପଡ଼ିଆରେ ବୁଧବାର ବିଧାୟକ ବାଗଙ୍କୁ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ସେ କହିଛନ୍ତି ଚଳିତଥର ଏହି ଅଞ୍ଚଳବାସୀ ତାଙ୍କୁ ବିଜୟୀ କରିବା ସହ ବଡ ଦାୟିତ୍ୱ ମଧ୍ୟ ଅର୍ପଣ କରିଛନ୍ତି। ଜନାଦେଶକୁ ସମ୍ମାନ ଦେଇ ସେ ଏବେ କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି ବୋଲି ବିଧାୟକ ବାଗ କହିଛନ୍ତି। ସଭାରେ ତୁରେକେଲା ସରପଞ୍ଚ ଜଳନ୍ଧର ମାହାଖୁଡ, ରାମଚନ୍ଦ୍ର ସେଲମା, ଜୟଦେବ ଷାଣ୍ଢ, ଗୌତମ ବାଗ, ବେଦବ୍ୟାସ ନାଗ ମଞ୍ଚାସୀନ ଥିଲେ। ପବିତ୍ର ମୋହନ ପୋଡ଼ ମଞ୍ଚ ପରିଚାଳନା କରିଥିଲେ।

### ଜଙ୍ଗଲ ଅଧିକାର ଆଇନ, ମୋ ଜଙ୍ଗଲ ଜମି ଯୋଜନା ମିଳିତ ବୈଠକ

ଖପ୍ରାଖୋଲ, ୨୬।୬(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି ସଭା ଗୃହଠାରେ ଜଙ୍ଗଲ ଅଧିକାର ଆଇନ ଓ ମୋ ଜଙ୍ଗଲ ଜମି ଯୋଜନା ସମ୍ପର୍କିତ ମିଳିତ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ସମ୍ମାନୀତ ଅତିଥି ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ପାଟଣାଗଡ ଅତିରିକ୍ତ ମଙ୍ଗଳ ଅଧିକାରୀ ବଂଶୀଧର କିଷାନ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଜିଲା ଜଙ୍ଗଲ ସୁରକ୍ଷା ଫୋରମ ଆବାହକ କୁଳମଣି ସାହୁ ଯୋଗଦେଇଥିଲେ। ଏହି ଅବସରରେ ଜଙ୍ଗଲ ଅଧିକାର ଆଇନ ଓ ମୋ ଜଙ୍ଗଲ ଜମି ଯୋଜନାର ଅଗ୍ରଗତି, ଯୁଗ୍ମ ତଦନ୍ତ, ଗାଁ ସ୍ତରରେ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସେହିପରି ଗୋଷ୍ଠୀଗତ ଜଙ୍ଗଲ ଅଧିକାର, ଗୋଷ୍ଠୀଗତ ଜଙ୍ଗଲ ସମ୍ପଦ ପରିଚାଳନା ଅଧିକାର ଗୁରୁତ୍ୱ ଉପରେ ସମୀକ୍ଷା ହୋଇଥିଲା। ବୈଠକରେ ବନପାଳ ସୁଧୀର କୁମାର ଜେନା, ସନ୍ଧ୍ୟାରାଣୀ ସେଠ, ବିପିନ ବିହାରୀ ଧରୁଆ, ରଞ୍ଜିତ କୁମ୍ଭାର, ଆରସିଡିସି ଜିଲା ସଂଯୋଜକ ଶମ୍ଭୁ ସାହୁ, ଆନନ୍ଦ ଚନ୍ଦ୍ର ସେଠୀ, ମୋ ଜଙ୍ଗଲ ଜମି ଯୋଜନା ଜିଲା ସଂଯୋଜକ ଗୁରୁଦେବ ପ୍ରଧାନ, ବ୍ଲକ ସଂଯୋଜକ ରଘୁନାଥ ରଣା, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ରାଜସ୍ୱ ନିରୀକ୍ଷକ, ଗୋଷ୍ଠୀ ସ୍ୱେଚ୍ଛସେବୀ, ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଶାନ୍ତ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଡ଼ିଆଳରେ ଆନ୍ତର୍ଜାତିକ ନିଶା ନିବାରଣ ଦିବସ

ଖଡ଼ିଆଳ,୨୬।୬(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ଓ ଅବୈଧ ପରିବହନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ଖଡ଼ିଆଳ ନଗର ପରିକ୍ରମା କରିଥିଲା। ନିଶା ଦ୍ୱାରା ପରିବାର ସମ୍ପର୍କରେ ତିକ୍ତତା ଆସୁଥିବା ବେଳେ ଆର୍ଥିକ ମାନଦଣ୍ଡରେ ସିଧାସଳଖ ପ୍ରଭାବ ପକାଇଥାଏ। ସେହିପରି ପରିବାରରେ କଳହ ସାଙ୍ଗକୁ ମହିଳା ହିଂସା ଦେଖାଯାଇଥାଏ। ତେଣୁ ନିଶାରୁ ମୁକ୍ତ ହେବା ପାଇଁ ଅତିଥିମାନେ ଆହ୍ୱାନ କରିଛନ୍ତି। ଏଥିରେ ଖଡ଼ିଆଳ ଅବକାରୀ ଅଧିକାରୀ ସଞ୍ଜୀବ ବେହେରା, ଏଏସ୍‌ଆଇ ହିଙ୍ଗୁଳା ଦାଶ, ବୈଜୟନ୍ତୀ ଶବର, ମୁରଲୀ ଶବର, ରୋଷନ ବିଶାଳ, ମଧୁସୁଧନ ସିଂ ପ୍ରମୁଖ ଯୋଗ ଦେଇଥିଲେ।

# ବାଇକକୁ ୩୦ମିଟର ଘୋଷାରି ନେଲା କାର୍


ଦୁର୍ଘଟଣାରେ ଚୂରମାର ବାଇକ୍ ଓ କାର୍।

ଲୋଇସିଂହା,୨୬।୬(ସୁଶାନ୍ତ ବାରିକ)

ବଲାଙ୍ଗୀର-ବରଗଡ଼ ୨୬ନଂ ଜାତୀୟ ରାଜପଥ ଲୋଇସିଂହା ଥାନା ବୁର୍ଡା ଲାଇନଜୁରୀ ନିକଟରେ କାର(ଓଡି୦୨ବିପି୪୬୨୧) ସାମନା ପଟରୁ ଏକ ପଲସର ବାଇକ(ଓଡି୦୩ ଆର ୧୧୫୫)କୁ ଧକ୍କା ଦେଇଥିଲା। ଧକ୍କା ଦେବା ପରେ କାର ବାଇକକୁ ପ୍ରାୟ ୩୦ରୁ ୪୦ ମିଟର ଘୋଷାଡି ନେଇଥିଲା । ଏଥିରେ ଲୋଇସିଂହା ଥାନା ଡୁମେରପାଲି ଗାଁର ପ୍ରସନ୍ନ ସେଠ(୩୭) ଗୁରୁତର ହୋଇଛନ୍ତି। ଅଗ୍ନିଶମ ବାହିନୀ ଗୁରୁତର ପ୍ରସନ୍ନଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଡୁମେରପାଲି ଗ୍ରାମର ପ୍ରସନ୍ନ କୌଣସି କାମରେ ଲୋଇସିଂହାରୁ ଘରକୁ ଫେରୁଥିଲେ। ଲାଇନଜୁରୀ ପର୍ଯ୍ୟନ୍ତ ହୋଇଥିବାବେଳେ ବରଗଡ ପଟରୁ ଆସୁଥିବା କାର ରାସ୍ତାର ଡାହାଣ ପଟକୁ ଚାଲି ଯାଇ ପ୍ରସନ୍ନଙ୍କ ବାଇକକୁ ସାମନା ପଟରୁ ଧକ୍କା ଦେଇଲା। ଏହି ଦୁର୍ଘଟଣାରେ ବାଇକ ଏବଂ କାର ଆଗପଟ ଚୁରମାର ହୋଇଯାଇଛି।

# ରାସ୍ତା କଙ୍କ୍ରିଟକରଣ କରିବାକୁ ଦାବି

ଲାଠୋର, ୨୬।୬(ଭୁବନେଶ୍ୱର ବାରିକ)



ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଛକଠାରୁ ତାରିଣୀ ମନ୍ଦିର ଛକ ପର୍ଯ୍ୟନ୍ତ କଙ୍କ୍ରିଟକରଣ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଛି । ହେଲେ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ହସ୍ପିଟାଲ ଛକଠାରୁ ଡେବ୍ରିଆମୁଣ୍ଡା ଛକଦେଇ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୧୫୦ମିଟର ରାସ୍ତା ଅନେକ ଦିନରୁ ଶୋଚନୀୟ ହୋଇ ପଡ଼ି ରହିଛି। ଏହି ରାସ୍ତା ଦେଇ ବିଭିନ୍ନ ଗ୍ରାମର ଅଧିବାସୀ ତଥା ସ୍କୁଲ କଲେଜ ଛାତ୍ରୀଛାତ୍ର ପ୍ରତିଦିନ ଯିବା ଆସିବା କରୁଛନ୍ତି। ରାସ୍ତାର କେତେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଟିକିଏ ବର୍ଷା ହେଲେ ପାଣି ଜମା ହୋଇ ଯିବା ଆସିବାରେ ସମସ୍ୟା ସୃଷ୍ଟି କରୁଛି। ଆଗକୁ ବର୍ଷା ବଢ଼ିଲେ ପରିସ୍ଥିତି ସଙ୍ଗୀନ ହୋଇପଡ଼ିବ। ଏହି ପରିସ୍ଥିତିରେ ଏହି ରାସ୍ତାକୁ କଙ୍କ୍ରିଟକରଣ ନ କରି ଡ୍ରେନ ନିର୍ମାଣ କରାଯାଉଛି । ଏନେଇ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲଙ୍କୁ ପଚାରିବାରୁ ଆମେ ଉକ୍ତ ରାସ୍ତା କଙ୍କ୍ରିଟୀକରଣ ପାଇଁ ଗ୍ରାମ ପଞ୍ଚାୟତ ଡେଭଲପମେଣ୍ଟ ପ୍ଲାନରେ ନେଇସାରିଛୁ। ଆସନ୍ତା ଅଗଷ୍ଟ ମାସରେ କାମ ହେବ ବୋଲି କହିଛନ୍ତି ।

# ଓଏଭି ସଙ୍ଗଠନ ଜୋନାଲସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବଲାଙ୍ଗୀର,୨୬।୬(ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ (ଓଏଭି) ଭୁବନେଶ୍ୱର ପକ୍ଷରୁ ଜୋନ-୬ର ଜୋନାଲ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜୁନ ୨୪ ଓ ଜୁନ ୨୫ ଦୁଇଦିନ ଧରି ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ସମସ୍ତ ଓଏଭି ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ଭାରପ୍ରାପ୍ତ ଅଧ୍ୟକ୍ଷ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନର କାର୍ଯ୍ୟକ୍ରମରେ ନୂତନ ଶିକ୍ଷା ନୀତି-୨୦୨୦ ଉପରେ ଆଲୋଚନା ହୋଇଥିଲା। ଏହାକୁ ବଲାଙ୍ଗୀର ପଥରଚେପା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ପରିଚାଳନା କରିଥିଲେ। ପରେ ଟିଟିଲାଗଡ ଏଡିଏମ୍‌ଟିପି ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷ ଡ଼ା. ସୁନନ୍ଦା ଜଟି ଦଳରେ କାମ କରିବା ବିଷୟରେ ବକ୍ତବ୍ୟ ରଖିଥିଲେ। ଶେଷରେ ସୋନପୁର ଓଏଭି ଅଧ୍ୟକ୍ଷ ମିତ୍ର ଅରୁଣ କୁମାର ମହାକୁଡ଼ ସମନ୍ୱୟ ବିଷୟରେ ଆଲୋଚନା କରିଥିଲେ। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଭୋଲାନାଥ ବେହେରା ଓ ଡ଼ା. ମଧୁମିତା ଦାଶ ହସ୍ତ ଓ ପରିଚାଳନା, ପ୍ରଭାକର ମିଶ୍ର ବିଦ୍ୟାଳୟରେ ଅନ୍ୟାନ୍ୟ ନାମାନ୍ତରୀ ଓ ଅର୍ଥ ସମ୍ବନ୍ଧୀୟ ରେକର୍ଡର ଧାରଣ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଅଧିବକ୍ତା ଭକ୍ତ ନାଏକ କାର୍ଯ୍ୟସ୍ଥଳରେ ଯୌନ ଅତ୍ୟାଚାର ଏବଂ ପୋକ୍‌ସୋ ଆଇନ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ଭାରପ୍ରାପ୍ତ ଅଧ୍ୟକ୍ଷ ଉପସ୍ଥିତ ଥିଲେ। ପରେ ଅଧିବକ୍ତା ଭକ୍ତ ନାଏକ ପୋକ୍ସୋ ଆଇନ ବିଷୟରେ କହିଥିଲେ। ଏହି ଉପଲକ୍ଷେ ଗୋଷ୍ଠୀ ଚର୍ଚ୍ଚା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଗୋଷ୍ଠୀ ଚର୍ଚ୍ଚାରେ ପଥରଚେପା ଓଏଭି ଅଧ୍ୟକ୍ଷ ଝାଙ୍କର ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଖୁବ୍ ଶିକ୍ଷଣୀୟ ହୋଇଥିବା ସୂଚନା ଦିଆଯାଇଛି।

# ଚିଠିରେ ସୀମିତ ସ୍କୁଲସ୍ତରରେ ନିଶାନିବାରଣ କାର୍ଯ୍ୟକ୍ରମ

ଲୋଇସିଂହା,୨୫।୬(ସୁଶାନ୍ତ ବାରିକ)

ସ୍କୁଲ ଛାତ୍ରୀଛାତ୍ରଙ୍କୁ ନିଶାଦ୍ରବ୍ୟ କାରବାରରୁ ରୋକିବା ଏବଂ ଏନସିପିସିଆର ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବାକୁ ପ୍ରଧାନଶିକ୍ଷକମାନଙ୍କୁ ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀ ଚିଠି କରିଥିଲେ। ହେଲେ ଉକ୍ତ ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରାଯାଉନାହିଁ । ସ୍କୁଲ ନିକଟରେ ବିଡି, ସିଗାରେଟ୍, ତମାଖୁ ଏବଂ ମାଦକ ଦ୍ରବ୍ୟ ଆଦି ଅବାଧରେ ବିକ୍ରି ହେଉଛି । ଏଥିପ୍ରତି ଛାତ୍ରୀଛାତ୍ରମାନେ ପ୍ରଭାବିତ ହେଉଛନ୍ତି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲା ଶିକ୍ଷା ଅଧିକାରୀ ପତ୍ରସଂଖ୍ୟା/ତା୨୨।୨।୨୩ରିଖରେ ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକଙ୍କୁ ଏକ ଚିଠି କରିଥିଲେ। ଚିଠିରେ ଉକ୍ତ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ପାଇଁ କେତେକ କାର୍ଯ୍ୟ କରିବାକୁ କୁହାଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକଙ୍କୁ ନେଇ ପ୍ରହରୀ କ୍ଲବ ଗଠନ କରାଯିବ। ଏଥିରେ ପିଟିଏରୁ ୨ଜଣ ମହିଳା ଏବଂ ୨ଜଣ ପୁରୁଷ ରହିବେ। ଛାତ୍ରୀଛାତ୍ରଙ୍କ ଯତ୍ନ ଓ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟ ପକ୍ଷରୁ ଡ୍ରଗ୍ସ ଏବଂ ପଦାର୍ଥର ଅପବ୍ୟବହାର ରୋକିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଯଥା ପ୍ରବନ୍ଧ, ବିତର୍କ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗୀତା ଆୟୋଜନ କରାଯିବ। ସମ୍ବେଦନଶୀଳତାକୁ ଆଖିଆଗରେ ରଖି କ୍ଲବ କାର୍ଯ୍ୟକ୍ରମ ମଧ୍ୟ କରାଯାଇ ପାରିବ । ଏହାବ୍ୟତୀତ ବିଦ୍ୟାଳୟ ନିକଟରେ ତମାଖୁ, ସିଗାରେଟ ଦୋକାନ ରହିବ ନାହିଁ । ଯଦି ବିଦ୍ୟାଳୟ ନିକଟରେ ଏପରି ଦୋକାନ ଥାଏ ତେବେ ସିଓପିଟିଏ ଆକ୍ଟ ଆଧାର ୬ ଅନୁଯାୟୀ ଦୋକାନଗୁଡିକୁ ଦୂରେଇ ନେବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ପୋଲିସକୁ ସୂଚନା ଦେବାକୁ କୁହାଯାଇଛି । ପ୍ରତ୍ୟେକ ବିଆରଏମରେ ଏ ବିଷୟରେ ଆଲୋଚାନ କାରାଯିବ ଏବଂ ନିଶା ନିବାରଣକୁ ନେଇ ସିଆରସିସିମାନେ ସମୀକ୍ଷା କରିବା ସହ ସଚେତନତା କାର୍ଯ୍ୟକ୍ରମ ନିଶ୍ଚିତ କରାଇବାକୁ ଚିଠିରେ ସ୍ୱଷ୍ଟ ଭାବେ କୁହାଯାଇଛି ।

ସ୍ଥାନୀୟ ବ୍ଲକ ଅଫିସ ସମ୍ମୁଖ ଜାତୀୟ ରାଜପଥ କଡରେ ଥିବା ଲୋଇସିଂହା ହରେକୃଷ୍ଣ ମହତାବ ସ୍କୁଲ ଏବଂ ଲୋଇସିଂହା ଓ ଆଗଲପୁର ବ୍ଲକର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ନିକଟରେ ବେଧଡକଭାବେ ସିଗାରେଟ୍, ତମାଖୁ ଏବଂ ମାଦକ କାରବାର କରାଯାଉଛି । ଜିଲା ଶିକ୍ଷା ଅଧିକାରୀ ଧର୍ମକୁ ଆଖିଠାର ସଦୃଶ ଚିଠି କରିଥିବାବେଳେ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ଏଥିପ୍ରତି ଯତ୍ନଶୀଳ ନୁହନ୍ତି। ଅପରପକ୍ଷେ ପୋଲିସ, ଅବକାରୀ ଏବଂ ଡ୍ରଗ୍ସ ଆଣ୍ଡ କଣ୍ଟ୍ରୋଲ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଛି ।

ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କୁ ପଚାରିବାରୁ ପ୍ରତି ମାସରେ ପ୍ରଧାନଶିକ୍ଷକ ବୈଠକରେ ଆଲୋଚନା କରାଯାଇଥାଏ। ଚଳିତ ମାସର ବୈଠକ ହୋଇନାହିଁ। ସ୍କୁଲ ନିକଟରେ ଦୋକାନ ନଥିବା ପ୍ରଧାନ ଶିକ୍ଷକମାନେ କହିଛନ୍ତି। ଗ୍ରାମାଞ୍ଚଳ ମାନଙ୍କରେ ଏହି ସମସ୍ୟା ନାହିଁ। ବଲାଙ୍ଗୀର, ପାଟଣାଗଡ,ଲୋଇସିଂହା ଆଦି ସହରାଞ୍ଚଳରେ ସମସ୍ୟା ରହିଛି। ପିଟିଏ, ସଚେତନ ନାଗରିକ ଆଗେଇଲେ ସ୍କୁଲ ନିକଟରେ ଏହି କାରବାର ବନ୍ଦ କରାଯାଇ ପାରିବ।

## ସଂକ୍ଷେପରେ

### ପ୍ରେମ ପ୍ରତାରଣା, ଅଭିଯୁକ୍ତ ଗିରଫ

**ଅତାବିରା,୨୬।୬(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡି ପୋଲିସ ନାବାଳିକାଙ୍କୁ ପ୍ରେମ ପ୍ରତାରଣା ଘଟଣାରେ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଜଣକ ଗୁରୁପାଲି ଗ୍ରାମର ଲକ୍ଷ୍ମଣ ଗୁରୁ। ପୋଲିସ ଦଫା ୩୬୩, ୩୭୬ ଏବଂ ପକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଲକ୍ଷ୍ମଣ ନାବାଳିକାଙ୍କ ସହିତ ପ୍ରେମ ସମ୍ପର୍କ ରଖିଥିଲେ। ଉଭୟେ ବିବାହ କରିବାକୁ ମଧ୍ୟ ସ୍ଥିର କରିଥିଲେ। କିନ୍ତୁ ସେମାନେ ଭିନ୍ନ ଜାତିର ହୋଇଥିବା ଯୋଗୁ ପରିବାର ଲୋକେ ରାଜି ହୋଇ ନ ଥିଲେ। ଏହାପରେ ଗତବର୍ଷ ଡିସେମ୍ବର ୨୩ରେ ଅଭିଯୁକ୍ତ ନାବାଳିକାଙ୍କୁ ଧରି ବାହାରକୁ ଚାଲି ଯାଇଥିଲେ। ସେଠାରେ କିଛିମାସ ରହିବା ପରେ ଅଭିଯୁକ୍ତ ନାବାଳିକାଙ୍କୁ ସେଠାରେ ଛାଡ଼ିଦେଇ ପୁଣି ଅନ୍ୟତ୍ର ଚାଲି ଯାଇଥିଲେ ଏବଂ ଆଉ ଧରାଛୁଆଁ ଦେଇ ନ ଥିଲେ। ନାବାଳିକା ଜଣକ ବାପଘରକୁ ଚାଲି ଆସି ଘଟଣା ସମ୍ପର୍କରେ କହିଥିଲେ। ଏ ନେଇ ନାବାଳିକାଙ୍କ ବାପା ଏତଲା ଦେବା ପରେ ପୋଲିସ ତଦନ୍ତ ଚଲାଇ ତାଙ୍କୁ ଗିରଫ କରିଥିଲା।

### ଚାଲିଛି ବାଲି ଚୋରାଚାଲାଣ

**ରିଷିଡ଼ା,୨୬।୬(ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ପୌରକେଲା, କୁନ୍ଦେଇପାଲି, ତେରେସିଂହା, ତେଲନଦୀରୁ ବ୍ୟାପକ ଭାବେ ବାଲି ଚାଲାଣ ହେଉଛି। ବାଲିଘାଟ ଠିକା ନେଇଥିବା ଠିକାଦାର ରାଜ୍ୟ ବାହାରର ବାଲି ମାଫିଆଙ୍କ ସ୍ୱାର୍ଥ ପୂରଣ ପାଇଁ ଟ୍ରିପ୍ ଟ୍ରିପ୍ ବାଲି ବିକ୍ରି କରୁଛନ୍ତି। ରାତିରେ ହାଇୱା ଦ୍ୱାରା ବାଲି ଚାଲାଣ ହେଉଥିବାରୁ ଠିକାଦାର ଅଧିକ ମୁନାଫା ଉଠାଉଛନ୍ତି। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ଗଞ୍ଜେଇ ଜବତ, ୨ ଗିରଫ

**ବରଗଡ଼,୨୬।୬(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଟାଉନ ଥାନା ପୋଲିସ ବୁଧବାର ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡର କାଞ୍ଚି ଜିଲା ନନକୋପି ଥାନା ମାସିୟାଟୁ ଗ୍ରାମର ପ୍ରଦୀପ ମୁଣ୍ଡା(୨୨) ଏବଂ ଉମଲା ଜିଲା ପୁସା ଥାନା ପାହାମୁ ଗ୍ରାମର ଧର୍ମୁ ମୁଣ୍ଡା(୪୫)। ସେମାନଙ୍କ ପାଖରୁ ୧୪ କି.ଗ୍ରା ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତମାନେ ୨ବ୍ୟାଗରେ ଗଞ୍ଜେଇ ଚାଲାଣ କରୁଥିବା ସୂଚନା ପାଇ ପୋଲିସ ସେମାନଙ୍କୁ ପିଛା କରିଥିଲା । ବରଗଡ଼ ଗଣେଶ ମନ୍ଦିର ନିକଟରୁ ତାଙ୍କୁ ଗିରଫ କରିଥିଲା। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି।



ବରଗଡ଼ ଟାଉନ ଥାନା ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରୁଛି।

# ପୁନରୁଦ୍ଧାର ହେଉନି ଜଳସେଚନ ପ୍ରକଳ୍ପ

**ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ**

- ରବି ଫସଲ ବନ୍ଦ କରିଥିଲେ ଚାଷୀ
- ଏବେ ଆଶଙ୍କାରେ ଖରିଫ ଚାଷକାର୍ଯ୍ୟ




ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

**ବରଗଡ଼,୨୬।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲଟିଦା ଗ୍ରାମରେ ରହିଥିବା ଉଠାଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କରାଯାଇ ନ ଥିବା ଯୋଗୁ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ଉକ୍ତ ପ୍ରକଳ୍ପର ପୁନରୁଦ୍ଧାର ସହିତ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ଏହି ଦାବି ନେଇ ବୁଧବାର ଲଟିଦା ଉଠାଜଳସେଚନ ଯୋଜନାର ଚାଷୀବୃନ୍ଦ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଗ୍ରାମରେ ରହିଥିବା ଉଠାଜଳସେଚନ ପ୍ରକଳ୍ପ ଉପରେ ଅଞ୍ଚଳର ଚାଷୀମାନେ ନିର୍ଭର କରିଥାନ୍ତି। ଗ୍ରାମର ପ୍ରାୟ ୧୫୦ ପରିବାରଙ୍କ ଉକ୍ତ ଉଠାଜଳସେଚନ ପ୍ରକଳ୍ପର ପାଣି ବ୍ୟବହାର କରି ଚାଷକାର୍ଯ୍ୟ କରିଥାନ୍ତି। ତେବେ ଉଠାଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କରାଯିବ କହି ଗତ ରବି ଫସଲ ବନ୍ଦ କରିବାକୁ ଚାଷୀମାନଙ୍କୁ କୁହାଯାଇଥିଲା। ଚାଷୀମାନେ ମଧ୍ୟ ରବି ଚାଷକାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିଲେ। ଏହାସତ୍ତ୍ୱେ ଉଠାଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଫଳରେ ଖରିଫ ଚାଷକାର୍ଯ୍ୟ ନେଇ ଚାଷୀ ମହଲରେ ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷେ କେନାଲ ପାଣି ମଧ୍ୟ ଏପର୍ଯ୍ୟନ୍ତ ଆସି ନାହିଁ। ଆସନ୍ତା ଜୁଲାଇ ପହିଲାରୁ କେନାଲ ପାଣି ଆସିବ ବୋଲି ବିଭାଗୀୟ ଅଧିକାରୀମାନେ କହୁଛନ୍ତି। ସେହିପରି ଆଶାନୁରୂପ ବୃଷ୍ଟିପାତ ମଧ୍ୟ ହେଉ ନାହିଁ। ଏଭଳି ସ୍ଥିତିରେ ଖରିଫ ଚାଷ ନେଇ ଅଞ୍ଚଳର ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି। ପାଣି ଅଭାବରୁ ଚାଷୀମାନେ ତଳିପକା କାର୍ଯ୍ୟ ମଧ୍ୟ ଆରମ୍ଭ କରି ପାରିନାହାନ୍ତି। ଗୋଟିଏପଟେ ଉଠାଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର ପାଇଁ ରବି ଫସଲକୁ ବନ୍ଦ କରାଯିବା ଏବଂ ଅନ୍ୟପଟେ ଖରିଫ ଫସଲ ପୂର୍ବରୁ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ ଶେଷ ନ ହେବା ଚାଷୀଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି।

ଫଳରେ ଉଠାଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ ତୁରନ୍ତ ସାରିବାକୁ ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଆସନ୍ତା ୭ଦିନ ମଧ୍ୟରେ ଏ ଦିଗରେ ବିହିତ ପଦକ୍ଷେପ ନିଆ ନ ଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଲଟିଦା ପାଣି ପଞ୍ଚାୟତର ସଭାପତି ଯତୀନ୍ଦ୍ର ଭୁଏ, ସମ୍ପାଦକ ହରିଶଙ୍କର ପଧାନଙ୍କ ନେତୃତ୍ୱରେ ଅନେକ ଚାଷୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

## ପାଇକମାଳ ମଣ୍ଡିରେ ପଡ଼ିଛି ୬୨୩୫ ବସ୍ତା ଧାନ

**ପାଇକମାଳ,୨୬।୬(ବଡ ଶତପଥୀ)**

ବରଗଡ ଜିଲା ପାଇକମାଳସ୍ଥିତ ସାପ୍ତାହିକ ବଜାର ପରିସରରେ ଥିବା ଧାନ ମଣ୍ଡିରେ ଚାଷୀମାନଙ୍କ ୬୨୩୫ ବସ୍ତା ଧାନ ପଡି ରହିଛି। ମିଲର୍ସମାନଙ୍କ ମନମୁଖୀ ଯୋଗୁ ଧାନ ଠିକ ଭାବେ ଉଠୁ ନ ଥିବା ଜଣାପଡିଛି। ଗତ ମାସ ମେ ପନ୍ଦର ତାରିଖରୁ ଜୁନ ମାସ ପଚିଶ ତାରିଖ ଯାଏ ୫୭୬ଜଣ ଚାଷୀମାନଙ୍କ ୩୫୫୮୬ ପାକେଟ ଧାନ ଉଠି ଥିବା ବେଳେ ମଙ୍ଗଳବାର ସୁଦ୍ଧା ୫୧ଜଣ ଚାଷୀଙ୍କ ୬୨୩୫ ପାକେଟ ଧାନ ପଡି ରହିଛି ବୋଲି ପାଇକମାଳ ସେବା ସମବାୟ ସମିତି ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ କହିଛନ୍ତି। ଦୁଇ ଦିନ ମଧ୍ୟରେ ସମସ୍ତ ଧାନ ଉଠି ଯିବ ବୋଲି କହିଛନ୍ତି। ମଣ୍ଡିକୁ ଆସିଥିବା ଚାଷୀ ଲିଜା ପ୍ରଧାନ ଗ୍ରାମ ଢେଙ୍କିମୁଣ୍ଡାଙ୍କୁ ପଚାରିବାରୁ ସେ ଗତ ତା ୭।୬।୨୪ ରିଖରେ ୧୮୦ ପାକେଟ ଧାନ ପକାଇଥିଲେ। ବୁଧବାର ମୋର ସବୁ ଧାନ ଲୋଡିଂ ହେଉଛି ବୋଲି କହିଥିଲେ। ସେହିପରି ଆଉ ଜଣେ ଚାଷୀ ଈଶ୍ୱର ପଧାନ ନିବାସୀ ସାଲେପାଲିଙ୍କୁ ପଚାରିବାରୁ ମୋର ୬୯ ପାକେଟ ଧାନ ଗତ ତା୯।୬।୨୪ ରିଖରେ ମଣ୍ଡିରେ ପକାଯାଇଛି, ବୁଦବାର ଧାନ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ଦରରେ ଉଠିବ ବୋଲି କହିଛନ୍ତି। କଟନି ଛଟନି ହେଉଛି କି ବୋଲି ଚାଷୀମାନଙ୍କୁ ପଚାରିବାରୁ କେତେ କାଟିବେ କାଟନ୍ତୁ ପଛକେ ଆମର ଧାନ ଶୀଘ୍ର ଉଠାନ୍ତୁ ବୋଲି ଦୁଃଖଭରା କଣ୍ଠରେ ସେମାନେ କହିଥିଲେ।



ମଣ୍ଡିରେ ଧାନବସ୍ତା ପଡ଼ିରହିଛି।

## ସଂସ୍କୃତ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ବରପାଲି,୨୬।୬(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲିର ମାରୱାଡ଼ି ଧର୍ମଶାଳା ପରିସରରେ ସଂସ୍କୃତ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ସଂସ୍କୃତ ଦକ୍ଷତା ବିକାଶ କର୍ମଶାଳା ସମିତି ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ସଦାନନ୍ଦ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଂସ୍କୃତ ଦକ୍ଷତା ବିକାଶ କର୍ମଶାଳାରେ ବିଜେପୁର ନିର୍ବାଚନମଣ୍ଡଳୀର ବିଧାୟକ ସନତ ଗଡତିଆ ଯୋଗଦେଇ ସଂସ୍କୃତ ହିଁ ଭାରତକୁ ବିଶ୍ୱଗୁରୁ ପଦରେ ଅଧିଷ୍ଠିତ କରିପାରିବ ତଥା ସଂସ୍କୃତର ବିଶ୍ୱବ୍ୟାପୀ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅଥିତି ପ୍ରଖ୍ୟାତ ସଂସ୍କୃତ ବିଦ୍ୱାନ ଡ. ଆୟୁଷ୍ମନ୍ତ ଷଡ଼ଙ୍ଗୀ ସଂସ୍କୃତ ଭାଷା ଭାରତର ସ୍ୱାଭିମାନ ଓ ଗୌରବର ପ୍ରତୀକ ବୋଲି ଅଭିହିତ କରିଥିଲେ। ସମିତି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଡ. ବିପିନ ବିହାରୀ ଶତପଥୀ ସଂସ୍କୃତ ଶିବିର ମାଧ୍ୟମରେ ଲକ୍ଷ ଲକ୍ଷ ଭାରତ ଭକ୍ତ ସୃଷ୍ଟି କରିବାରେ ଲୋକ ଭାଷା ପ୍ରଚାର ସମିତି ସଫଳ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରାଜସ୍ଥାନ ଅଜମେରର ପ୍ରଫେସର ନିରଞ୍ଜନ ସାହୁ ସଂସ୍କୃତ ଛାତ୍ରୀଛାତ୍ରମାନଙ୍କ ମାଧ୍ୟମରେ ଭାରତରେ ଏକ ନବୀନ ସାଂସ୍କୃତିକ ଜାଗରଣ ସମ୍ଭବ ହୋଇପାରିଛି ବୋଲି ସୂଚନା ଦେଇଥିଲେ। ଡ. ସାହୁ ଉଦବୋଧନ ଦେଇ ପ୍ରତିଗୃହ ଓ ପ୍ରତି ଗ୍ରାମକୁ ସଂସ୍କୃତର ସୌରଭ ବିତରଣ କରିବାକୁ ନିବେଦନ କରିଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ ବିଜୟ ପ୍ରକାଶ ବାବୁ କମାଣ୍ଡେଣ୍ଟ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଂସ୍କୃତ ଶିକ୍ଷାର ଅନିବାର୍ଯ୍ୟତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟଶାଳାର ସଂଯୋଜକ ଡ. ବଦ୍ରିନାରାୟଣ ପୂଜାରୀ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପଣ୍ଡିତ ଗୁରୁପ୍ରସାଦ ରଥ ବେଦପାଠ କରିବା ପରେ ଛାତ୍ରୀଗଣ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରୀଛାତ୍ର ଚିତ୍ତାକର୍ଷକ ବିବିଧ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ମୁଖ୍ୟଅତିଥି ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟଶାଳାର ସଞ୍ଚାଳକ ପଣ୍ଡିତ ଗୋପବନ୍ଧୁ ପୁରୋହିତ, ମାରୱାଡ଼ି ଧର୍ମଶାଳାର କର୍ମକର୍ତ୍ତା ବୃନ୍ଦ, ଛାତ୍ରୀଛାତ୍ର ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ କାମପାଳ ପଣ୍ଡା, ଅଧ୍ୟାପକ ଡୋଲାମଣି ମାଝି, ଅଧ୍ୟାପିକା ମୌସୁମୀ ପୋଡ଼, ସୁନୀତି ପଧାନ, ଅଧ୍ୟାପକ ରୂପବନ୍ତ ପଧାନ, ଅକ୍ଷୟ କୁମାର ଭୋଇ, ନିମାଇଁ ପଧାନ, ପୂରଣ ଗୁପ୍ତା, କ୍ଷୀରେଶ୍ୱର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ରାଧେଶ୍ୟାମ ହତ୍ୟା ମାମଲା: ନାବାଳକ ସମେତ ୩ କୋର୍ଟ ଚାଲାଣ

**ମୁଖ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ**

**ପଦ୍ମପୁର,୨୬।୬(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଅନ୍ତର୍ଗତ ଦର୍ଲିଗୁଡ଼ା ଗ୍ରାମର ଏକ ନିଛାଟିଆ ସ୍ଥାନରେ ଗତ ୨୩ ତାରିଖରେ ଏହି ଥାନା ବରିହାପାଲି ଗ୍ରାମର ରାଧେଶ୍ୟାମ ପଧାନ (୨୪)ଙ୍କୁ ଦୁର୍ବୃତ୍ତମାନେ ଠେଙ୍ଗା ଓ ଲୁହା ରଡରେ ମାରି ପକାଇଦେଇ ଅଭିଯୁକ୍ତମାନେ ଫେରାର ମାରିଥିଲେ। ଏ ସମ୍ପର୍କରେ ବୁଡ଼େନ ପୋଲିସ କେସ୍ ନମ୍ବର ୧୦୫/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଏହା ଏକ ପ୍ରେମ ଜନିତ ହତ୍ୟାକାଣ୍ଡ ହୋଇଥିବା ପ୍ରାରମ୍ଭିକ ତଦନ୍ତରୁ ଜାଣିପାରିଥିଲା। ଏହି ଘଟଣାରେ ବୁଧବାର ଦର୍ଲିଗୁଡା ଗ୍ରାମର ଭୁବନ ସୁନା ଓ ଜଣେ ନାବାଳକ, ଭଟଲି ଅନ୍ତର୍ଗତ ଶ୍ରୀମନ୍ତ ତାଣ୍ଡିଙ୍କୁ ଗିରଫ କରିଛି। ଏହା ସହିତ ସେମାନେ ବ୍ୟବହାର କରିଥିବା ଠେଙ୍ଗା ଜବତ କରି ଆଇପିସି ୩୦୨,୧୨୦(ବି)୩୪ରେ ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଖୋଜୁଥିବା ତଦନକାରୀ ଆଇଆଇସି ଇସ ମାଇଲ ଏକ୍କା ସୂଚନା ଦେଇଛନ୍ତି।

## ବୃଦ୍ଧଙ୍କୁ ଥଇଥାନ କଲେ ସ୍ୱେଚ୍ଛାସେବୀ

**ବରଗଡ଼,୨୬।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ସୋହେଲା ଥାନା ଅନ୍ତର୍ଗତ ଖଲିଆପାଲି ଗ୍ରାମର ଜଣେ ବୃଦ୍ଧ ସନୁ ବିଶି(୭୦)ଙ୍କୁ ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ବୁଧବାର ବିଜେପୁର ବ୍ଲକ ସମଲେଇପଦରସ୍ଥିତ ପାର୍ବତୀ ଗିରି ବୃଦ୍ଧାଶ୍ରମରେ ଥଇଥାନ କରିଛନ୍ତି। ସୂଚନା ଅନୁଯାୟୀ, ସମ୍ପୃକ୍ତ ବୃଦ୍ଧଙ୍କ ଆତ୍ମୀୟ ସ୍ୱଜନ ଅଛନ୍ତି। କିନ୍ତୁ ସେମାନେ ତାଙ୍କୁ ପରିବାରରେ ରଖିବାକୁ ଚାହୁଁ ନ ଥିଲେ। ଫଳରେ ବୃଦ୍ଧ ଜଣକ ସୋହେଲା ଥାନାକୁ ଫେରାଦ ହୋଇଥିଲେ। ପୋଲିସ ବୃଦ୍ଧଙ୍କ ଆତ୍ମୀୟ ସ୍ୱଜନଙ୍କୁ ଥାନାକୁ ଡାକିଥିଲା ଏବଂ ବୃଦ୍ଧଙ୍କୁ ଘରେ ନିଜ ପାଖରେ ରଖିବାକୁ ପରାମର୍ଶ ଦେଇଥିଲା। କିନ୍ତୁ ସେଥିରେ ସେମାନେ ରାଜି ହୋଇ ନ ଥିଲେ। ଫଳରେ ପୋଲିସ ନିଷ୍ଠା ପରିବାରକୁ ସୂଚନା ଦେଇଥିଲା। ସୂଚନା ପାଇଁ ନିଷ୍ଠା ପରିବାର ମହିଳା ଶାଖା ମୁଖ୍ୟ ତ୍ରିପୁରା ସୁହୁଲା, ସୁତପା ଗଡ଼ତିଆ ସୋହେଲା ଥାନାରେ ପହଞ୍ଚିଥିଲେ। ସବୁକଥା ବୁଝାବୁଝି କରିବା ପରେ ବୃଦ୍ଧଙ୍କୁ ପୋଲିସ ସହିତ ସେମାନେ ପାର୍ବତୀ ଗିରି ବୃଦ୍ଧାଶ୍ରମକୁ ନେଇ ସେଠାରେ ଆଶ୍ରୟ ଦେଇଥିଲେ।



ପୋଲିସ ଏବଂ ସ୍ୱେଚ୍ଛାସେବୀଙ୍କ ଗହଣରେ ବୃଦ୍ଧ।

## ବରପାଲି ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ

**ବରପାଲି,୨୬।୬(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ମହାବିଦ୍ୟାଳୟରେ ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ 'ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଅର୍ଥନୀତି ବିଭାଗ ମୁଖ୍ୟ ଭକ୍ତବନ୍ଧୁ ପ୍ରଧାନ ଯୋଗଦେଇ ନିଶା ସେବନର ଅପକାରିତା ଏବଂ ସମାଜ ଉପରେ ଏହାର ସାମାଜିକ ଓ ଅର୍ଥନୈତିକ ପ୍ରଭାବ ଉପରେ ବ୍ୟାପକ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଭାଗର ଅଧ୍ୟାପକ ବିଶନାଥ ସାହୁ ନିଶାର ପ୍ରକାର ଓ ଛାତ୍ର ସମାଜ ଉପରେ ଏହାର ପ୍ରଭାବ ଉପରେ ଆଲୋଚନା କରିଥିବା ବେଳେ ଅଧ୍ୟାପିକା ସୀମାଞ୍ଜଳି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର, ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

## ବଦଳି ଆଦେଶ କାଏମ ରଖାଯାଉ

**ଜିଲା ସେବକ ସଂଘର ଦାବି**

**ବରଗଡ଼,୨୬।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ସେବାଶ୍ରମ ସ୍କୁଲରେ କାର୍ଯ୍ୟରତ ସେବକଙ୍କ ମଧ୍ୟରେ ଏକ ବଡ଼ ଧରଣର ବଦଳି ହୋଇଛି। ଏଥିରେ ୧୭୧ଜଣଙ୍କ ବଦଳି ହୋଇଥିବାବେଳେ ୩୭ଜଣଙ୍କୁ ପଦୋନ୍ନତି ମିଳିଛି। ତେବେ ଏହି ବଦଳିକୁ ନେଇ ଅଭିଯୋଗ ପାଇବା ପରେ ବଦଳି ଆଦେଶକୁ ସ୍ଥଗିତ ରଖାଯାଇଛି। ଅନ୍ୟପଟେ ବଦଳି ଆଦେଶକୁ କାଏମ୍ ରଖାଯାଉ ବୋଲି ଜିଲା ସେବକ ସଂଘ ଦାବି କରିଛି। ବୁଧବାର ବରଗଡ଼ ସାମ୍ବାଦିକ ସଂଘ ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଜିଲା ସେବକ ସଂଘ ସଭାପତି ଗୋବିନ୍ଦ ପତି କହିଛନ୍ତି, ଦୀର୍ଘ ୧୨ବର୍ଷ ହେଲା ସେବକଙ୍କ ପଦୋନ୍ନତି ହେଉ ନ ଥିଲା। ଫଳରେ ସଂଘ ଏ ନେଇ ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଉଦ୍ୟମ ଜାରି ରଖିଥିଲା। ସଂଘର ଉଦ୍ୟମକ୍ରମେ ୩୭ଜଣଙ୍କୁ ପଦୋନ୍ନତି ମିଳିଛି। ସେହିପରି ୧୭୧ଜଣଙ୍କ ବଦଳି ହୋଇଛି। ଏ ନେଇ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି। ତେବେ ଏହି ଆଦେଶ ବାହାରିବା ପରେ କିଛି ଲୋକେ ଏଥିରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିଥିଲେ ଏବଂ ତାଙ୍କ ନାମକୁ ମଧ୍ୟ ଅଯଥାରେ ଯୋଡ଼ିଥିଲେ। କିନ୍ତୁ ତାଙ୍କ ଜାଣିବାରେ ସେଥିରେ କୌଣସି ଦୁର୍ନୀତି ହୋଇ ନାହିଁ ବୋଲି ପତି କହିଛନ୍ତି। ଅନ୍ୟପଟେ ତାଙ୍କ ବିରୋଧରେ ଅଭିଯୋଗ ହେଉଥିବା ଯୋଗୁ ସେ ସଂଘ ସଭାପତି ପଦବୀରୁ ଇସ୍ତଫା ଦେଇଥିବା ପତି ଘୋଷଣା କରିଥିଲେ। କିନ୍ତୁ ପଦୋନ୍ନତି ଏବଂ ବଦଳି ଆଦେଶକୁ କାଏମ୍ ରଖାଯାଉ ବୋଲି ସେ କହିଛନ୍ତି। ଏ ନେଇ ଜିଲାପାଳଙ୍କୁ ସଂଘ ପ୍ରତିନିଧିବୃନ୍ଦ ଭେଟିବେ ଏବଂ ବଦଳି ଆଦେଶ ମୁତାବକ କାର୍ଯ୍ୟରେ ଯୋଗଦେବେ ବୋଲି ପତି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ସଂଘର ଅନ୍ୟ ପ୍ରତିନିଧିବୃନ୍ଦ ମଧ୍ୟ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲା ସେବକ ସଂଘର ପ୍ରତିନିଧିବୃନ୍ଦ।

# ପଦ୍ମପୁରରେ ଜବରଦଖଲ ଉଚ୍ଛେଦ ଆରମ୍ଭ



ପଦ୍ମପୁର ଭେଡଁରିଆ ଛକ ରାସ୍ତାରୁ ଜବରଦଖଲ ହଟାଯାଉଛି।

**ପଦ୍ମପୁର,୨୬।୬(ପ୍ରଦୀପ୍ତ ଦାଶ)**

- ମାଜିଷ୍ଟ୍ରେଟ, ପୌର ଅଧିକାରୀ ସମେତ ପୋଲିସ ମୁତୟନ
- ରାସ୍ତା ସଫେଇ ପରେ ପୁଣି ଅବଶିଷ୍ଟ ଉଚ୍ଛେଦ: ନିର୍ବାହୀ ଅଧିକାରୀ

ପଦ୍ମପୁର ଭେଡଁରିଆ ଛକ ସମେତ ଏହାକୁ ସଂଯୋଗ କରୁଥିବା ଜଗଦଲପୁର, ପାଇକମାଳ, ପାଟଣାଗଡ ରାସ୍ତାରୁ ବୁଧବାର ସକାଳୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ପଦ୍ମପୁର ତହସିଲଦାର ବିପିନ ପଧାନ, ଏନଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ପଦ୍ମପୁର ଥାନା ଅଧିକାରୀ ମମତା ନାଏକଙ୍କ ସମେତ ପୂର୍ତ୍ତ ବିଭାଗ, ଜନସ୍ୱାସ୍ଥ ବିଭାଗ ଅଧିକାରୀ, ରାଜସ୍ୱ କର୍ମଚାରୀ, ଏନଏସିର ସମସ୍ତ କର୍ମଚାରୀ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଭେଡଁରିଆ ଛକରୁ ଭେଡଁରିଆ ରାସ୍ତା ପର୍ଯ୍ୟନ୍ତ, ପାଟଣାଗଡ ରାସ୍ତାର ଚର୍ଚ୍ଚ ଛକ ଓ ପାଇକମାଳ ରାସ୍ତାର ଟାଉନହଲ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଥିବା ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ସୂଚନା ଦେଇଥିଲେ। ସେହିପରି ଏହି ରାସ୍ତା ସମ୍ପୂର୍ଣ୍ଣ ସଫା ହେବା ପରେ ପରବର୍ତ୍ତୀ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ବୋଲି କହିଥିଲେ। ଏହି ମୁଖ୍ୟ ଛକ ଓ ରାସ୍ତା ଜବରଦଖଲ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଦୁର୍ଘଟଣା ଘଟୁଥିଲା। ସେଥିପାଇଁ ଏହି ଜବରଦଖଲ ଉଚ୍ଛେଦ ପାଇଁ ସହବାସୀ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ଏ ନେଇ ଗତ ୨୧ ତାରିଖରେ ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଲ ଚଭନ ଏକ ବୈଠକ ଡାକି ପଦ୍ମପୁରର ବିଭିନ୍ନ ସଙ୍ଗଠନ ସହିତ ଜବରଦଖଲ ଓ ପଦ୍ମପୁରର ମୁଖ୍ୟ ଛକ ଭେଡଁରିଆ ଛକର ସୌନ୍ଦର୍ଯ୍ୟ କରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ପୂର୍ବରୁ ଜବରଦଖଲ ଉଚ୍ଛେଦ ନେଇ ଏନ୍‌ଏସି ପକ୍ଷରୁ ସପ୍ତାହେ ତଳେ ସଚେତନ କରାଯାଇଥିଲା।

## ମୁକ୍ତା ଯୋଜନାର ଲକ୍ଷାଧିକ ଟଙ୍କାର ଭେଣ୍ଡିଂ ଜୋନ୍ ଉଚ୍ଛେଦ

**ପଦ୍ମପୁର,୨୬।୬(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଭେଡଁରିଆଛକଠାରୁ ପାଟଣାଗଡ ରାସ୍ତା ବୁଧବାର ଜବରଦଖଲ ଉଚ୍ଛେଦ ହୋଇଥିଲା। ଏହି ଉଚ୍ଛେଦରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ଯୋଜନା (ମୁକ୍ତା)ରେ ଲକ୍ଷାଧିକ ଟଙ୍କାର ନିର୍ମାଣ ଭେଣ୍ଡିଂ ଜୋନ ଉଚ୍ଛେଦ କରାଯାଇଛି। ସୂଚନା ଯେ, ଗତ ୨୦୨୧-୨୨ ମୁକ୍ତା ଯୋଜନାରେ ଲକ୍ଷାଧିକ ଟଙ୍କାର ନିର୍ମାଣ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଥିଲା। କେତେକ ଭେଣ୍ଡିଂ ଗୃହ ଉଠାଦୋକାନୀଙ୍କୁ ଆବଣ୍ଟିତ ହୋଇଥିବା ବେଳେ ଅନେକ ଖାଲି ପଡିଥିଲା। ପ୍ରଶାସନ ପକ୍ଷରୁ ଉଚ୍ଛେଦ ବେଳେ ଏହା ମଧ୍ୟ ଉଚ୍ଛେଦ ହୋଇଛି। ତେବେ ଏନଏସି ବିନା କିଛି ପ୍ଲାନିଙ୍ଗ କିମ୍ବା କାଗଜପତ୍ର ନ କରି ଏହା ନିର୍ମାଣ କରିଥିଲା। ସେତେବେଳେ କାଉନସିଲର ଚିନ୍ମୟ ପଣ୍ଡା ଏ ନେଇ ଆପତ୍ତି ଉଠାଇଥିଲେ ମଧ୍ୟ ତତ୍କାଳୀନ ନିର୍ବାହୀ ଅଧିକାରୀ ଗୁରୁତ୍ୱ ଦେଇ ନ ଥିଲେ। ତେବେ ଜନସାଧାରଣଙ୍କ ଟିକସ ଟଙ୍କାରେ ଏନଏସିର ଲକ୍ଷାଧିକ ଟଙ୍କା ବରବାଦ ହେବା ନେଇ ସମ୍ପୃକ୍ତ ଅଧିକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କାଉନସିଲର ପଣ୍ଡା ଦାବି କରିଛନ୍ତି। ଫଟୋ: ମୁକ୍ତା ଯୋଜନାରେ ନିର୍ମିତ ଭେଣ୍ଡିଂ ଗୃହ ପ୍ରଶାସନ ପକ୍ଷରୁ ଭଙ୍ଗାଯାଉଛି।



ମୁକ୍ତା ଯୋଜନାରେ ନିର୍ମିତ ଭେଣ୍ଡିଂ ଗୃହ ପ୍ରଶାସନ ପକ୍ଷରୁ ଭଙ୍ଗାଯାଉଛି।

## ସଂକ୍ଷେପରେ

### ରାଉରକେଲା ରେଳ ଷ୍ଟେଶନରୁ ନାବାଳିକା ଉଦ୍ଧାର: ୨ଗିରଫ

**ରାଉରକେଲା, ୨୬।୬(ସଙ୍ଗୀତା ଜେନା) :** ଗତ ୨୨ତାରିଖରେ ପଶ୍ଚିମବଙ୍ଗ ୨୪ ପ୍ରଗଣା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ରାଉରକେଲାରୁ ଉଦ୍ଧାର କରାଯାଇଛି। ୨ଜଣ ଅପହର୍ତ୍ତାଙ୍କୁ ଗିରଫ କରାଯାଇଛି। ରାଉରକେଲା ରେଳବାଇ ସୁରକ୍ଷା ବଳ ସମସ୍ତ ଦସ୍ତାବିଜ ସହ ଉକ୍ତ ନାବାଳିକା ଓ ଅଭିଯୁକ୍ତମାନଙ୍କୁ ୨୪ ପ୍ରଗଣା ଆର୍‌ପିଏଫ୍‌କୁ ହସ୍ତାନ୍ତର କରିଛି। ଏ ନେଇ ଏକ ମାମଲା(ନଂ.୩୦୨/୨୪) ରୁଜୁ ହୋଇଛି। ସୂଚନାଯୋଗ୍ୟ, ରାଉରକେଲା ଆର୍‌ପିଏଫ୍‌କୁ ଜଣେ ନାବାଳିକା ୨୪ ପ୍ରଗଣା ଅଞ୍ଚଳରେ ଅପହରଣ ହୋଇଥିବା ଏବଂ ୨ ଅଭିଯୁକ୍ତଙ୍କ ସହ ନାବାଳିକା ଟ୍ରେନ ନମ୍ବର ୧୨୮୧୦ର ଏସ୍ -୨ କୋଚ୍ ୧୮ରେ ଥିବା ସୂଚନା ଦିଆଯାଇଥିଲା। ଉକ୍ତ ଟ୍ରେନ ରାଉରକେଲା ମଙ୍ଗଳବାର ପହଞ୍ଚିବା ପରେ ରାଉରକେଲା ଆର୍‌ପିଏଫ୍ ପକ୍ଷରୁ ଯାଞ୍ଚ ଅଭିଯାନ କରାଯାଇଥିଲା। ଉକ୍ତ ନାବାଳିକା(୧୩)ଙ୍କ ସମେତ ୨ ଜଣ ଅଭିଯୁକ୍ତ ସାହବୁ ଶେଖ୍, ଅଲାମିନି ମୌତିନ ଶେଖ୍‌ଙ୍କୁ କାବୁ କରାଯାଇଥିଲା। ପରେ ଅଭିଯୋଗକାରୀଙ୍କୁ ଯୋଗାଯୋଗ କରାଯାଇ ବୁଧବାର ଏମାନଙ୍କୁ ହସ୍ତାନ୍ତର କରାଯାଇଛି।

### ୫ ଚର୍ଚ୍ଚରେ ଲୁଟ୍ କରିଥିବା ଗ୍ୟାଙ୍ଗ ସକ୍ରିୟ ସନ୍ଦେହ

**୨ ଧର୍ମଯାଜକଙ୍କୁ ମାଡ଼ ମାରି ଲୁଟ ମାମଲା**

**ରାଉରକେଲା, ୨୬।୬(ସଙ୍ଗୀତା ଜେନା) :** କିଛିଦିନ ପୂର୍ବେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ମୂଷାପାଲି ଅଞ୍ଚଳରେ କିଛି ମୁଖାପିନ୍ଧା ଦୁର୍ବୃତ୍ତ ୨ ଜଣ ଧର୍ମଯାଜକଙ୍କୁ ମାଡ଼ମାରି ତାଙ୍କ ଠାରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ତଦନ୍ତ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ରାଉରକେଲା ଏସ୍‌ପି ବ୍ରିଜେଶ ରାୟ ସୂଚନା ପ୍ରଦାନ କରିଛନ୍ତି। ରାୟ କହିଛନ୍ତି, ଏହି ମାମଲାରେ ସମ୍ପୃକ୍ତ ଦୁର୍ବୃତ୍ତମାନେ ରାଜଗାଙ୍ଗପୁର, ସମ୍ବଲପୁର, ଝାରସୁଗୁଡ଼ା ସମେତ ୫ଟିରୁ ଊର୍ଦ୍ଧ୍ୱ ଚର୍ଚ୍ଚରେ ଏପରିକାଣ୍ଡ ଭିଆଇଥିବା ଜଣାପଡ଼ିଛି। ପ୍ରାୟ ୨୫ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଜଣାପଡ଼ିଛି। ତେବେ ଏହି ମାମଲାର ସତ୍ୟତା ଯଥାଶୀଘ୍ର ପଦାକୁ ଆସିବ ବୋଲି ରାୟ କହିଛନ୍ତି।

### ବେଆଇନ ନିଯୁକ୍ତି ମାମଲାରେ ଆର୍‌ଡିଏର ୨ ଅଧିକାରୀ ଦଣ୍ଡିତ

**ସୁନ୍ଦରଗଡ,୨୬।୬(ଜୟନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ(ଆରଡିଏ)ରେ ହୋଇଥିବା ବେଆଇନ ନିଯୁକ୍ତି ମାମଲାର ଶୁଣାଣି ବୁଧବାର କରିଛନ୍ତି। ଏହି ମାମଲାରେ ଆରଡିଏର ୩ଜଣ ଅବସରପ୍ରାପ୍ତ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ସେମାନଙ୍କ ମଧ୍ୟରୁ ଦୁଇଜଣ ଅଧିକାରୀଙ୍କୁ କୋର୍ଟ ୨ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଦେଇଛନ୍ତି। ମାମଲାର ରାୟର ବିବରଣୀରୁ ପ୍ରକାଶ ଯେ, ଆରଡିଏର ତତ୍କାଳୀନ ସେକ୍ରେଟାରୀ ମେଡିସେଟି ଶେଷାଦ୍ରୀ ପିଏଚଡିରର ପୂର୍ବତନ ନିର୍ବାହୀ ଯନ୍ତ୍ରୀ ତଥା ଆରଡିଏର ବୈଷୟିକ ସଭ୍ୟ ଶିବଚରଣ ମାଝି ନିଜ ପଦବୀ ଓ କ୍ଷମତାର ଅପବ୍ୟବହାର କରି ମନୋଜ କୁମାର ଦାଶଙ୍କୁ ଲିଗାଲ ଆସିଷ୍ଟାଣ୍ଟ ଭାବେ ବେଆଇନ ଭାବେ ନିଯୁକ୍ତି ପ୍ରଦାନ କରିଥିଲେ। ଏହି ବେଆଇନ ନିଯୁକ୍ତି ମାମଲାରେ ଭିଜିଲାନ୍ସ ବିଭାଗ ପକ୍ଷରୁ ସମ୍ବଲପୁର ଭିଜିଲାନ୍ସ ଥାନାରେ କେଶ ନମ୍ବର ର ୪୦/ତା-୩୦।୯।୧୯୯୯ରେ ରେଏକ ମାମଲା ରୁଜୁ କରି ମୋଟ ୪ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ୪ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣକଙ୍କର ଗତ ୨୦।୫।୨୦୦୫ରେ ମୃତ୍ୟୁ ଘଟିବା ପରେ ତାଙ୍କୁ ମାମଲାରୁ ବାଦ ଦିଆଯାଇଛି। ଏହାପରେ ମୁଖ୍ୟ ଅଭିଯୁକ୍ତ ଶେଷାଦ୍ରୀ ଶୁଣାଣି ବେଳେ ଉପସ୍ଥିତ ନ ହେବାରୁ ତାଙ୍କ ବିରୋଧରେ କୋର୍ଟ ଜାମିନ ବିହୀନ ୱାରେଣ୍ଟ ଜାରି କରିଥିବାବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଶିବ ଚରଣ ମହାନ୍ତି ଓ ମନୋଜ କୁମାର ଦାଶଙ୍କୁ ୨ବର୍ଷ ଲେଖାଏଁ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୩ ମାସ ଲେଖାଏଁ ଜେଲଦଣ୍ଡ ପାଇଁ କୋର୍ଟ ତାଙ୍କ ରାୟରେ ଆଦେଶ କରିଛନ୍ତି। ଭିଜିଲାନ୍ସ ବିଭାଗ ଅନୁଗୋଳ ୟୁନିଟର ତତ୍କାଳୀନ ଡିଏସପି ବିଷ୍ଣୁଚରଣ ଦାଶ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିଲାବେଳେ ସରକାରଙ୍କ ପକ୍ଷରୁ ସୁନ୍ଦରଗଡ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ମାମଲାର ପରିଚାଳନା କରୁଥିଲେ।



ରାଉରକେଲା ଅବକାରୀ ବିଭାଗ ଆନୁକୂଲ୍ୟରେ ବୁଧବାର ସକାଳେ ବିଶ୍ୱ ନିଶା ନିବାରଣ ଦିବସ ଅବସରରେ ସାମିଲ ଛାତ୍ରୀଛାତ୍ର ଓ ଅବକାରୀ କର୍ମଚାରୀ।

# ନିଶା ନିବାରଣ ଦିବସ ଉପଲକ୍ଷେ ଶୋଭାଯାତ୍ରା

**ରାଉରକେଲା, ୨୬।୬(ସଙ୍ଗୀତା ଜେନା)**

ରାଉରକେଲା ଅବକାରୀ ବିଭାଗ ଆନୁକୂଲ୍ୟରେ ବୁଧବାର ସକାଳେ ବିଶ୍ୱ ନିଶା ନିବାରଣ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଶାଳ ଜନସଚେତନତା ଶୋଭାଯାତ୍ରା ହୋଇଥିଲା। ସିଭିଲଟାଉନଶିପ୍ ନ୍ୟୁ ଏଲ୍‌ଆଇସି କଲୋନୀ ଡେଭଲପ୍‌ଡ ସରକାରୀ ହାଇସ୍କୁଲରୁ ଶୋଭାଯାତ୍ରା ଆରମ୍ଭ ହୋଇ ମେନ୍ ରୋଡ ପରିକ୍ରମା କରି ଉଦିତନଗରସ୍ଥିତ ହାଇସ୍କୁଲ ନିକଟରେ ସମାପ୍ତ ହୋଇଥିଲା। ଅବକାରୀ ସୁପରିଟେଣ୍ଡେଣ୍ଟ ଶେଖ୍ ଆସିଫ୍ ଅଲ୍ଲୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ରାଉରକେଲା ଏସ୍‌ପି ବ୍ରିଜେଶ ରାୟ ପ୍ରମୁଖ ଯୋଗଦେଇଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ କୁଲକର୍ଣ୍ଣୀ କହିଥିଲେ, ନିଶା ସେବନ ଯୋଗୁ ଅକାଳରେ ଜୀବନ ନଷ୍ଟ ହେଉଛି। ଏହା ଦାଉରୁ ରକ୍ଷା ପାଇବା ପାଇଁ ଜନସଚେତନତା ଆବଶ୍ୟକ। ଉକ୍ତ ଜନସଚେତନତାକୁ ଏକ ନିବେଶ ଭାବେ ଧରାଯାଇ ପାରେ। ଆଗାମୀ ଦିନରେ ଏପରି ନିବେଶ(ଇନଭେଷ୍ଟମେଣ୍ଟ) ସମାଜ ପ୍ରତି ସକାରାତ୍ମକ ଫଳାଫଳ ଆଣିବାରେ ସହାୟକ ହେବ ବୋଲି କୁଲକର୍ଣ୍ଣୀ କହିଥିଲେ। ରାଉରକେଲା ଏସ୍‌ପି ରାୟ ମଧ୍ୟ ନିଶା ସେବନକୁ କଡ଼ା ସଚେତନତା ସପକ୍ଷରେ ମତ ପ୍ରଦାନ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ନିଶା ଓ ମାଦକ ଦ୍ରବ୍ୟ ରୂପୀ ରାବଣ ପ୍ରତିକୃତିଙ୍କୁ ଏହି ଅବସରରେ ଦହନ କରାଯାଇଥିଲା। ଅତିଥିମାନେ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିବା ପରେ ଏହା ମେନ ରୋଡ ପରିକ୍ରମା କରି ଜନସଚେତନତା କରିଥିଲା। ନିଶାନିବାରଣ ପଥପ୍ରାନ୍ତ ନାଟକ, ପ୍ଲାକାର୍ଡ଼ ମାଧ୍ୟମରେ ବିଭିନ୍ନ ସନ୍ଦେଶ ଦିଆଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ରାଉରକେଲା ଅବକାରୀ ବିଭାଗ, ଓଏସଏପି ୪ର୍ଥ ବାଟାଲିଅନ୍, ସିଆର୍‌ପିଏଫ୍, ସ୍ଥାନୀୟ ପୋଲିସ, ଏନ୍‌ସିସି, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଦସ୍ୟ, ସ୍କୁଲ କଲେଜର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରାଉରକେଲା ଅବକାରୀ ଇନ୍ସପେକ୍ଟର ମୋହନ ପ୍ରଧାନ, ଡିଏସ୍‌ଇ ଅର୍ଚ୍ଚନା ବାରିକ, ମୋବାଇଲ ୟୁନିଟ୍, ପାନପୋଷ ଅବକାରୀ ବିଭାଗ କର୍ମଚାରୀ ଓ ଅନ୍ୟ ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ।

# ଭାଜପା ପକ୍ଷରୁ କଳା ଦିବସ ପାଳନ

**ରାଉରକେଲା,୨୬।୬(ବିପ୍ଳବରଞ୍ଜନ ଦାଶ)**

ଜିଲା ଭାଜପା ପକ୍ଷରୁ ରାଉରକେଲାରେ କଳା ଦିବସ ପାଳନ କରାଯାଇଛି। ୧୯୭୫ ମସିହା ଜୁନ ୨୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଜାରି କରିଥିବା ଜରୁରୀକାଳୀନ ପରିସ୍ଥିତିକୁ ଗଣତନ୍ତ୍ରର ହତ୍ୟା ଦର୍ଶାଇ ଭାଜପା ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏଥିସହ ଭାଜପା ତରଫରୁ ଦେଶରେ ଲାଗିଥିବା ଆପାତକାଳୀନ ପରିସ୍ଥିତିର ଘୋର ନିନ୍ଦା କରାଯିବା ସହିତ କଳା ଦିବସ ରୂପେ ପାଳନ କରାଯାଇଛି। ଭାଜପା ଜିଲା କାର୍ଯ୍ୟାଳୟ ସେକ୍ଟର-୩ଠାରେ କଳାଦିବସ ପାଳନ କରିଛି ଭାଜପା। ଏନେଇ ଏକ ବୈଠକ ମଧ୍ୟ ଭାଜପା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ମୁଖ୍ୟବକ୍ତା ଭାବେ ରାଧୁ ମିଶ୍ର ଯୋଗଦେଇଥିଲେ। ଜରୁରୀକାଳୀନ ପରିସ୍ଥିତିରେ ଜେଲବନ୍ଦି ହୋଇଥିବା କିଷନ ଗୋୟଲଙ୍କୁ ଉପଢୌକନ ଦେଇ ଭାଜପା ତରଫରୁ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ତାଙ୍କ ବକ୍ତବ୍ୟରେ ଜରୁରୀକାଳୀନ ପରିସ୍ଥିତି ଉପରେ ବିସ୍ତୃତ ଆଲୋଚନା କରିବା ସହିତ ଘଟଣା ନେଇ ଜନସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଦର୍ଶାଇଥିଲେ। ପରେ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ ଓ ରାଜ୍ୟ ମୁଖପାତ୍ର ଧିରେନ ସେନାପତି କଂଗ୍ରେସ ନେତାମାନେ ସମ୍ବିଧାନକୁ ହତ୍ୟାକରି ଅନ୍ୟକୁ ସମ୍ବିଧାନ ବଞ୍ଚାଅ କହିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଦର୍ଶାଇଥିଲେ। ବୈଠକ ଜିଲା ଭାଜପା ମୁଖପାତ୍ର ଗଙ୍ଗାଧର ଦାଶଙ୍କ ଦ୍ୱାରା ପରିଚାଳିତ ହୋଇଥିବାବେଳେ ବରିଷ୍ଠ ନେତା ସୁବ୍ରତ ପଟ୍ଟନାୟକ, ମଳୟ ମହାପାତ୍ର, ଶଶାଙ୍କ ଜେନା, ମନୋଜ ମାହେଶ୍ୱରୀ, ରୋସନ ସାହୁ, ମନୋରଞ୍ଜନ ମୁନୀ, ଅଶୋକ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।


ଭାଜପା ପକ୍ଷରୁ କଳାଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତା, କର୍ମୀ।

# ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ସମ୍ବର୍ଦ୍ଧନା


ସେକ୍ଟର-୫ ଆଦର୍ଶ ପାଠାଗାରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଉରକେଲା,୨୬।୬(ସଙ୍ଗୀତା ଜେନା)**

ଚତୁର୍ଥ ଥର ବଣାଇ ବିଧାନସଭାରୁ ପ୍ରାୟ ୨୪ ହଜାର ଭୋଟ ବ୍ୟବଧାନରେ ଜିତିଥିବା ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ରାଉରକେଲାରେ ସମ୍ବର୍ଦ୍ଧିତ କରାଯାଇଛି। ବୁଧବାର ସନ୍ଧ୍ୟାରେ ସେକ୍ଟର-୫ ଆଦର୍ଶପାଠାଗାର ସମ୍ମିଳନୀ କକ୍ଷରେ ମୁଣ୍ଡାଙ୍କୁ ୨୦ରୁ ଊର୍ଦ୍ଧ୍ୱ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଟୁ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ, ବସନ୍ତ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ମହାନ୍ତି କହିଲେ, ଖଣି, କାରଖାନା ଓ ସାଧାରଣ ଲୋକଙ୍କ ସମସ୍ୟାକୁ ବିଧାନସଭାରେ ଓ ବାହାରେ ଉପସ୍ଥାପନ କରିବା ପାଇଁ ଲକ୍ଷ୍ମଣ ମୁଣ୍ଡା ଜଣେ ସେନାପତିଙ୍କ ଭୂମିକା ନିର୍ବାହ କରିବେ। ଏହା କେବଳ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ନୁହେଁ, ବରଂ ପ୍ରତ୍ୟେକ ଅନ୍ୟାୟ ଓ ଅବିଚାର ପ୍ରତି ଲଢ଼ିବା ପାଇଁ ଏକ ବଳିଷ୍ଠ ନେତୃତ୍ୱ ନେବା ଜଣେ ଯୋଦ୍ଧାଙ୍କୁ ପ୍ରସ୍ତୁତ କରାଯାଉଛି। ତାଳଚେର ବିମଳାଗଡ଼ ରେଳପଥ, ରାଉରକେଲା ବିଶ୍ୱବିଦ୍ୟାଳୟ, ସୁପରସ୍ପେଶିଆଲିଟି ହସ୍ପିଟାଲ ସଂଗ୍ରାମରେ ଏକ ମାତ୍ର ବାମପନ୍ଥୀ ନେତା ଭାବେ ବଳିଷ୍ଠ ନେତୃତ୍ୱ ମୁଣ୍ଡା ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ଶ୍ରମିକ ଓ ଅନ୍ୟାନ୍ୟ ଲଢ଼େଇର ମୁଖ୍ୟ କର୍ଣ୍ଣଧାର ମୁଣ୍ଡା ହେବେ ବୋଲି ମହାନ୍ତି କହିଥିଲେ। ସମ୍ବର୍ଦ୍ଧନା ପର୍ବରେ ସେକ୍ଟର-୫ କଲଚରାଲ ଏକାଡ଼େମୀ, ଆଦର୍ଶ ପାଠାଗାର, ଏଆଇଟିୟୁସି, ଜଗଦା ସାଂସ୍କୃତିକ ପରିଷଦ, ଏସ୍‌ଏଫ୍‌ଆଇ, ରାଉରକେଲା କଂଟ୍ରାକ୍ଟର୍ସ ୱାର୍କସ ୟୁନିଅନ୍, ସିଟୁ, ସୁନ୍ଦରଗଡ଼ ମୋଟର କର୍ମଚାରୀ ସଂଘ, ମିନିବସ ସଂଘ, ଆଇଏଫ୍‌ଜିଏଲ୍ ୱାର୍କର୍ସ ୟୁନିଅନ୍, ଓଡ଼ିଶା କନ୍‌ଷ୍ଟ୍ରକ୍ସନ ୱାର୍କର୍ସ ୟୁନିଅନ୍, ଏନ୍‌ଏସ୍‌ପିସିଏଲ୍ ୱାର୍କସ ୟୁନିଅନ୍, ରାଉରକେଲା ହକର୍ସ ୟୁନିଅନ୍, ଆଶାକର୍ମୀ ଆସୋସିଏସନ୍, ବିଏସ୍‌ଏନ୍ ଏଲ୍ ଏମ୍ପ୍ଲଏଜ୍ ୟୁନିଅନ ଓ ବିଏସ୍ ଏନ୍‌ଏଲ୍ ରିଟାୟାର୍ଡ ଏମ୍ପ୍ଲଏଜ୍ ଆସୋସିଏଶନ୍, ଆଇଡିଏଲ୍ କେମିକାଲ ୱାର୍କସ ୟୁନିଅନ୍, ଏଟ୍‌ଏଫ୍ ଆଇ ସମେତ ୨୦ ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ପକ୍ଷରୁ ମୁଣ୍ଡାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ରାଜକିଶୋର ପ୍ରଧାନ ସଂଯୋଜନା କରିଥିଲେ। ସୁରେନ୍ଦ୍ର ଦାଶ, ଯଯାତି କେଶରୀ ସାହୁ, ହୃଦାନନ୍ଦ ଯାଦବ, ବିଶ୍ୱଜିତ ମାଝିଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ନକଲି ଡାକ୍ତର ଗିରଫ

**ରାଉରକେଲା, ୨୬।୬(ସଙ୍ଗୀତା ଜେନା)**

ଋଣ କରିବାକୁ ଯାଇ ନକଲି ଡକ୍ୟୁମେଣ୍ଟରୁ ଜଣେ ନକଲି ଡାକ୍ତର ଧରାପଡ଼ିଥିବା ଜଣାପଡ଼ିଛି। ରଘୁନାଥପାଲୀ ଥାନା ସିଭିଲଟାଉନଶିପସ୍ଥିତ ବଜାଜ ଫାଇନାନ୍ସ ଅଫିସରେ ଜଣେ ବ୍ୟକ୍ତି ଋଣ କରିବାକୁ ତାଙ୍କର ସମସ୍ତ ଡକ୍ୟୁମେଣ୍ଟ ଜମା କରିଥିଲେ। ଯାଞ୍ଚ ସମୟରେ ଉକ୍ତ ବ୍ୟକ୍ତି ଜଣଙ୍କ ନକଲି ଡାକ୍ତର ବୋଲି ଜଣାପଡ଼ିଥିଲା। ଏନେଇ ସମ୍ପୃକ୍ତ ଥାନାରେ ଏତଲା ଦିଆଯାଇଲା। ପରେ ପୋଲିସ ଉକ୍ତ ନକଲି ଡାକ୍ତରଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ପଦ୍ମନାଭ ମୁଖୀ କାରୁଆ(୫୩)। ଏ ନେଇ ପୋଲିସ ଏକ ମାମଲା(ନଂ. ୩୩୩/୨୪) ରୁଜୁ କରିଛି। ସୂଚନା ଅନୁଯାୟୀ, ବଜାଜ ଫାଇନାନ୍ସର ମ୍ୟାନେଜର ରଜତ ବେହେରା ଦେଇଥିବା ଏତଲା ଅନୁଯାୟୀ ତାଙ୍କ ଶାଖାରେ ଆର୍‌ଜିଏଚ୍‌ରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କ ଲୋନ୍ ପାଇଁ ଆବେଦନ ଓ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଆସିଥିଲା। ଏହାର ଯାଞ୍ଚ ସମୟରେ ଡାକ୍ତରୀ ସାର୍ଟିଫିକେଟ୍ ଓ ଅନ୍ୟାନ୍ୟ ଦସ୍ତାବିଜ୍ ନକଲି ବୋଲି ଜଣାପଡ଼ିଥିଲା। ବ୍ୟବହାର କରାଯାଇଥିବା ନାମରେ ଥିବା ଆରଜିଏଚ୍ ଡାକ୍ତରଙ୍କୁ ଯୋଗାଯୋଗ କରାଯିବାରୁ ସେ କୌଣସି ଲୋନ୍ ଆବେଦନ କରି ନ ଥିବା କହିଥିଲେ। ପରେ କମ୍ପାନୀ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏପରି ନକଲି ଡାକ୍ତର ହୋଇ ଧରାପଡ଼ିଥିବା ଏକାଧିକ ମାମଲା ବିଭିନ୍ନ ଥାନାରେ ରହି ଥିବା ଜଣାପଡ଼ିଛି।

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଉ



**ରାଉରକେଲା,୨୬।୬(ବିପ୍ଳବ ରଞ୍ଜନ ଦାଶ)**

**ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ପ୍ରେରଣ କଲେ ଦିଲୀପ ରାୟ**

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରିବା ନିମନ୍ତେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିକଟକୁ ପତ୍ର ଲେଖିଛନ୍ତି। ପ୍ରେରିତ ପତ୍ରରେ ରାୟ ଦର୍ଶାଇଛନ୍ତି ଯେ, ରାଉରକେଲା ରାଜ୍ୟର ଦ୍ୱିତୀୟ ସ୍ମାର୍ଟସିଟି ଭାବେ ପରିଗଣିତ। ମାତ୍ର ଏଠାରେ ବିଶ୍ୱବିଦ୍ୟାଳୟ ନାହିଁ। ପାନପୋଷସ୍ଥିତ ସରକାରୀ ମହାବିଦ୍ୟାଳୟ ୧୯୬୧ ମସିହାରେ ପ୍ରତିଷ୍ଠା ହେଲା। ଏହାପରେ ୨୦୦୨ରେ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମାନ୍ୟତା ପାଇଲା। ବର୍ତ୍ତମାନ ଏହି ମହାବିଦ୍ୟାଳୟରେ ପୋଷ୍ଟଗ୍ରାଜୁଏଟ ସହିତ ବୋଟାନି, ଇଂରାଜୀ ଏବଂ ଓଡ଼ିଆ ବିଷୟରେ ଏମ୍‌ଫିଲ ଡିଗ୍ରୀ ହାସଲ ନିମନ୍ତେ ସମସ୍ତ ବ୍ୟବସ୍ଥା ଉପଲବ୍ଧ ରହିଛି। ଏଥିସହ ମହାବିଦ୍ୟାଳୟର ଭିତ୍ତିଭୂମି ମଧ୍ୟ ସୁଦୃଢ ରହିଛି। ଏହିଭଳି ସ୍ଥିତିରେ ବିଶ୍ୱବିଦ୍ୟାଳୟ ମାନ୍ୟତା ଲାଭ କଲେ ଏହା ଉତ୍କଳ ବିଶ୍ୱବିଦ୍ୟାଳୟ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟ ଭଳି ରାଉରକେଲା ତଥା ତଫସିଲଭୁକ୍ତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ମଧ୍ୟ ଉଚ୍ଚ ଶିକ୍ଷା ଲାଭ କରିବା ସୁଯୋଗ ହାତ ପାହାନ୍ତାରେ ମିଳନ୍ତା। ପିଲାଙ୍କ ଉଚ୍ଚ ଶିକ୍ଷା ଗ୍ରହଣ ଜନିତ ଆଶା ଏବଂ ଆକାଂକ୍ଷା ପୂରଣ ହୋଇପାରନ୍ତା ବୋଲି ଉଲ୍ଲେଖ କରିବା ସହିତ ଆଗାମୀ ରାଜ୍ୟ ବଜେଟ ଅଧିବେଶନରେ ଏହାକୁ ଉପସ୍ଥାପନା କରିବା ପାଇଁ ଅନୁରୋଧ କରିଛନ୍ତି।

## ଲୋକଙ୍କ ଥଇଥାନ ପାଇଁ ଆସିଲା ୨ଶହ ବଣ୍ଡଲ ପଲିଥିନ

**ରାଉରକେଲା,୨୬।୬(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ତହସିଲ ବିଭାଗକୁ ଆସିଛି ରାଜ୍ୟ ସରକାରଙ୍କ ବନ୍ୟା ନିୟନ୍ତ୍ରଣ ବିଭାଗରୁ ବ୍ୟାପକ ମାତ୍ରାରେ ପଲିଥିନ ପାଲ। ଗୋଟିଏ ପଟେ ଗତ ବର୍ଷ ତୁଳନାରେ ରାଉରକେଲା ସହରରେ ଏପର୍ଯ୍ୟନ୍ତ ଆଖିଦୃଶିଆ ବୃଷ୍ଟିପାତ ହୋଇ ନ ଥିବାବେଳେ,କୃଷି ଓ କୃଷକଙ୍କ ଚାଷ ଉପରେ ଏହାର ପ୍ରଭାବ ପଡିଥିବା କୃଷି ବିଭାଗ ଉଲ୍ଲେଖ କରିବା ସହିତ କୃଷି ବିଭାଗ ଆକଳିତ ୧୫୫ମିମି ପରିମାପକ ବୃଷ୍ଟିପାତ ହୋଇ ନ ଥିବା କୁହାଯାଉଛି। ଅନ୍ୟପଟେ ବର୍ଷାକାଳୀନ ଗୃହଭଙ୍ଗା ଦୁର୍ବିପାକରୁ ଲୋକଙ୍କ ଥଇଥାନ ନିମନ୍ତେ ରାଉରକେଲା ତହସିଲ ବିଭାଗ ନିକଟକୁ ୧୦୦ବଣ୍ଡଲ ପଲିଥିନ ପାଲ, କୁଆଁରମୁଣ୍ଡାକୁ ୫୦ ବଣ୍ଡଲ ପଲିଥିନ ପାଲ ଏବଂ ବୀରମିତ୍ରପୁରକୁ ୧ଶହ ବଣ୍ଡଲ ପ୍ରଦାନ ହୋଇଛି। ପଲିଥିନ ପାଲ ସଂଗ୍ରହ ସମୟରେ ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ବରିଷ୍ଠ ରାଜସ୍ୱ ସହାୟକ ବିନୋଦ ଲାକ୍ରା, ସୌଭାଗ୍ୟ ଲକ୍ଷ୍ମୀ ସାହୁ, ଶୁଭ୍ରକାନ୍ତ ମିଶ୍ର, କୁଆଁରମୁଣ୍ଡା ରାଜସ୍ୱ ନୀରୀକ୍ଷକ ଅକ୍ରୁର ମକର ପ୍ରମୁଖ ଉପସ୍ଥିତ ରହିଥିଲେ।



# ଲୋକୋ ପାଇଲଟ୍ ଅପହରଣ, ଲୁଟ ମାମଲା: ୩ ଗିରଫ

**ରାଉରକେଲା,୨୬।୬(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ଛେଣ୍ଡ ଥାନା ଅଞ୍ଚଳରେ ଗତ ୨୨ ତାରିଖ ରାତିରେ ଲୋକୋ ପାଇଲଟ୍ ଅପହରଣ ଓ ଲୁଟ୍ ମାମଲାରେ ପୋଲିସକୁ ସଫଳତା ମିଳିଛି। ଏହି ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଏୟାରପୋର୍ଟରୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଖୋର୍ଦ୍ଧା ଜିଲା ଏୟାର ଫିଲ୍ଡ ଥାନା ଅନ୍ତର୍ଗତ ବୋତଣ୍ଡା ଅଞ୍ଚଳର ସଂଗ୍ରାମ କେଶରୀ ପଟ୍ଟନାୟକ(୨୭), ବଳଭଦ୍ରପୁରର ସ୍ମୃତିରଞ୍ଜନ ପାଇକରାୟ(୩୫) ଓ କଲ୍ୟାଣୀ ପ୍ଲାଜାର ସତ୍ୟପ୍ରକାଶ ପ୍ରଧାନ(୨୪)। ଏ ନେଇ ବୁଧବାର ଅପରାହ୍ନରେ ରାଉରକେଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ବ୍ରିଜେଶ ରାୟ ସୂଚନା ପ୍ରଦାନ କରିଛନ୍ତି। ଏସ୍‌ପି ରାୟ କହିଛନ୍ତି, ଗତ ୨୨ ତାରିଖରେ ଛେଣ୍ଡ ଥାନା ଛେଣ୍ଡ ଅଞ୍ଚଳରେ ଥିବା ଲୋକୋ ପାଇଲଟ୍ ନିହାର ସରକାର(୫୫) ରାତିରେ କଳିଙ୍ଗବିହାର ସ୍ଥିତ ଘର ନିକଟରେ ବୁଲାବୁଲି କରୁଥିବା ବେଳେ ୩ ଜଣ ଯୁବକ ତାଙ୍କୁ ଜୋରଜବରଦସ୍ତି ଏକ କାର୍‌ରେ ଅପହରଣ କରିନେଇଥିଲେ। ତାଙ୍କୁ ସହରରୁ ପ୍ରାୟ ୧୫ କିମି ଦୂରରେ ଥିବା ଲାଠିକଟା ଅଞ୍ଚଳରେ ଜୋରଜବରଦସ୍ତି, ମାରପିଟ୍ କରିବା ପରେ ସୁନାଚେନ୍, ମୋବାଇଲ୍ ଫୋନ୍‌ରୁ ସିମ୍ କାର୍ଡ ଆଦି ଲୁଟ୍ କରିନେଇଥିଲେ। ପରେ ତାଙ୍କୁ ଫୋନ୍ ଫେରାଇଦେଇ ହକି ଛକ ନିକଟରେ ଛାଡି ଫେରାର ହୋଇଯାଇଥିଲେ। ଏ ନେଇ ସମ୍ପୃକ୍ତ ଥାନାରେ ଏତଲା ହୋଇଥିଲା। ପୋଲିସ ମାମଲା (ନଂ.୧୩୨/୨୪) ରୁଜୁ କରି ତଦନ୍ତ କରୁଥିଲା। ତଦନ୍ତ ପାଇଁ ଛେଣ୍ଡ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଅପହରଣ ହୋଇଥିବା ନିହାରଙ୍କ ବୟାନରେ ସନ୍ଦେହ ହେବାକୁ ତାଙ୍କୁ ପଚରାଉଚୁରା କରାଯାଇଥିଲା। ତେବେ ଲୁଟ୍ ଓ ଅପହରଣ କରିଥିବା ଅଭିଯୁକ୍ତମାନେ ନିହାରଙ୍କ ସୋଶିଆଲ ମିଡିଆ ମାଧ୍ୟମରେ ପରିଚିତ ଥିଲେ ବୋଲି ଜଣାପଡ଼ିଥିଲା। ଅଭିଯୁକ୍ତ ୩ଜଣଙ୍କୁ ଭୁବନେଶ୍ୱରରୁ ଧରାଯାଇଥିଲା। ସେମାନଙ୍କ ନିକଟରୁ ନଗଦ ୫୦ ହଜାର ଟଙ୍କା, ଲୁଟ୍ ସୁନାଚେନ୍, ଅପହରଣରେ ବ୍ୟବହୃତ କାର (ନଂ. ଓଡ଼ି ୩୩ ଏଜେ-୮୬୭୫)ଜବତ ହୋଇଥିଲା। ନିହାରଙ୍କ କାନାରା ଓ ଏସ୍‌ବିଆଇ ବ୍ୟାଙ୍କରୁ ପ୍ରାୟ ୧ଲକ୍ଷ ୨୪ ହଜାର ଟଙ୍କା ଫୋନ୍ ପେ ଓ ପେଟିଏମ୍ ମାଧ୍ୟମରେ ଅଭିଯୁକ୍ତମାନେ ନେଇଥିବା ଜଣାପଡ଼ିଥିଲା। ତଦନ୍ତ କାଳରେ ନିହାରଙ୍କ ଅପହରଣର କୌଣସି ସତ୍ୟତା ମିଳି ନ ଥିଲା ବୋଲି ଏସ୍‌ପି ରାୟ ସୂଚନା ପ୍ରଦାନ କରିଛନ୍ତି। ପ୍ରାଥମିକ ତଦନ୍ତ ଆଧାରରେ ଏହା ଜଣାପଡ଼ିଛି। ତଦନ୍ତ ଆହୁରି ଜାରି ରହିଛି।


ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ୩ ଅଭିଯୁକ୍ତଙ୍କୁ ରଖାଯାଇଛି।

## ସଂକ୍ଷେପରେ

### ଜୟକୃଷ୍ଣ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ



ବ୍ୟାଡ଼ମିଣ୍ଟନରେ ଚାମ୍ପିୟନ ଜୟକୃଷ୍ଣ ଗର୍ଡିଆ।

କୁଚିଣ୍ଡା,୨୬।୬(ବିରଞ୍ଚି ଦର୍ଚ୍ଚା)

ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନରେ ଚାମ୍ପିୟନ ହୋଇଛନ୍ତି କୁଚିଣ୍ଡାର ଜୟକୃଷ୍ଣ ଗର୍ଡିଆ। ଭଦ୍ରକଠାରେ ଓଡ଼ିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ଆସୋସିଏଶନ ସନରାଇଜ ପକ୍ଷରୁ ଚାଲିଥିବା ଅଲ ଓଡ଼ିଶା ସବ୍ ଜୁନିୟର(୧୭ବର୍ଷ) ପ୍ରତିଯୋଗିତାରେ ସେ ଚାମ୍ପିୟନ ହୋଇଛନ୍ତି। ଜୟକୃଷ୍ଣ ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁର ପଞ୍ଚାୟତ ଗୁଦରାପଡା ଗ୍ରାମର ସୁଶାନ୍ତ ଗର୍ଡିଆଙ୍କ ପୁଅ। ସେ ଭୋଜପୁର ଏସଏସଡି ହାଇସ୍କୁଲରେ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଭୁବନେଶ୍ୱର ସାଇ ରିଜିଓନାଲ ଏକାଡେମୀରେ ବ୍ୟାଡମିଣ୍ଟନ ଶିକ୍ଷାଲାଭ କରୁଛନ୍ତି। ସୂଚନା ଅନୁଯାୟୀ, ୟୋନେକସ ପକ୍ଷରୁ ଭଦ୍ରକଠାରେ ଜୁନ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୧୭ବର୍ଷରୁ କମ୍ ଓଡିଶା ରାଜ୍ୟ ସବ ଜୁନିୟର ବ୍ୟାଡମିଣ୍ଟନ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ମିକ୍ସଡ୍ ଡବଲରେ ଜୟକୃଷ୍ଣ ଗର୍ଡିଆ ଓ ଜେସିକା ସାହୁ ଚାମ୍ପିୟନ ହୋଇଛନ୍ତି। ତାଙ୍କୁ ଟ୍ରଫି ସହ ଚେକ ମାଧ୍ୟମରେ ଅର୍ଥରାଶି ପ୍ରଦାନ କରାଯାଇଛି।

### ଡ୍ରଗ୍ସଠାରୁ ଦୂରେଇ ରୁହନ୍ତୁ ଯୁବସମାଜ

ସମ୍ବଲପୁର,୨୬।୬(ବି.ଶଙ୍କର)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ବୁଧବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରୀ ମହିଳା କଲେଜ ସଭା କକ୍ଷରେ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ସଭାହୋଇଥିଲା। ନିଶା ଔଷଧର ଦୁରପଯୋଗ ଏବଂ ଅବୈଧ ଚାଲାଣ ବିରୋଧି ବିଷୟରେ ଆଲୋଚନା କରାଯାଇଥିଲା। ନାରୀ ଶକ୍ତି ସମାଜ ପରିବର୍ତ୍ତନର ସୂତ୍ରଧାରିକା ଅଟନ୍ତି। ତେଣୁ ଛାତ୍ରୀମାନେ ଏନେଇ କାର୍ଯ୍ୟକରିବା ଆବଶ୍ୟକତା ରହିଛି ବୋଲି ପ୍ରଫେସର ବରାଳ କହିଥିଲେ। ଆଲୋଚିକା ଭାବରେ ବ୍ରହ୍ମକୁମାରୀ ଦୀପା ଯୋଗ ଦେଇଥିଲେ। ଯୁବ ସମାଜ କିପରି ନିଶା କବଳିତ ନ ହୋଇ ସୁସ୍ଥ ସମାଜ ଗଠନରେ ବ୍ରତୀ ହୋଇ ପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ରାଜଯୋଗ, ଆତ୍ମଚିନ୍ତନ ନିଶା ବିରୋଧି ଆନ୍ଦୋଳନର ସହାୟକ ବୋଲି ମଧ୍ୟ ବ୍ରହ୍ମକୁମାରୀ ଦୀପା କହିଥିଲେ। ଅଧ୍ୟକ୍ଷା ପ୍ରଫେସର ବରାଳ ପ୍ରାରମ୍ଭିକ ସ୍ୱାଗତ ଭାଷଣ, ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ସଭା ସଞ୍ଚାଳନ ଓ ଅଧ୍ୟାପକ ଭୋଜରାଜ ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଶତାଧିକ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗଦାନ କରିଥିଲେ।

# ସମ୍ବଲପୁରରେ ନିୟନ୍ତ୍ରଣକୁ ଆସୁଛି ଜଣ୍ଡିସ୍

■ ସ୍ୱତନ୍ତ୍ର ସ୍କ୍ୱାଡ ଖାଦ୍ୟ ସୁରକ୍ଷା ନିୟମକୁ କଡ଼ାକଡ଼ି କରୁଛି
■ ଘରଘର ବୁଲି ସ୍ୱାସ୍ଥ୍ୟକର୍ମୀ ପ୍ରତିଷେଧକ ବ୍ୟବସ୍ଥା ନିଶ୍ଚିତ କରୁଛନ୍ତି

ସମ୍ବଲପୁର,୨୬।୬(ପ୍ରମୋଦ ବହିଦାର)


ଘର ଘର ବୁଲି ପ୍ରତିଷେଧକ ବ୍ୟବସ୍ଥାକୁ ନିଶ୍ଚିତ କରୁଛନ୍ତି ସ୍ୱାସ୍ଥ୍ୟକର୍ମୀ।

ସମ୍ବଲପୁର ସହରର କେତେକ ଅଞ୍ଚଳରେ ଦେଖା ଦେଇଥିବା ଜଣ୍ଡିସ୍ (ହେପାଟାଇଟିସ୍- ଏ) ବର୍ତ୍ତମାନ ନିୟନ୍ତ୍ରଣାଧୀନ ରହିଛି। ସହରରେ ମୋଟ ୯୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କୁମ୍ଭାରପଡ଼ା ଓ ସାଲିଆବାଗିଚାରୁ ୫୭ ଜଣ, ପେନସନପଡ଼ାରୁ ୧୪ ଜଣ, ଧୋବାପଡ଼ାରୁ ୧୧ ଓ କାଳିବାଡ଼ିରୁ ୧୧ ଜଣ ରହିଛନ୍ତି। ବର୍ତ୍ତମାନ ସମସ୍ତ ଜଣ୍ଡିସ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେମାନେ ସମସ୍ତେ ଜିଲା ସ୍ୱାସ୍ଥ୍ୟ ବିଭଗର ପେରିଫେରାଲ ସ୍ୱାସ୍ଥ୍ୟକର୍ମୀଙ୍କ ତତ୍ତ୍ୱାବଧାନରେ ରହିଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଜଣ୍ଡିସ୍ ଆକ୍ରାନ୍ତଙ୍କ ମଧ୍ୟରେ ସର୍ବାଧିକ ୬ରୁ ୧୪ ବର୍ଷ ବୟସ ବର୍ଗର ବାଳିକା ବାଳକ ରହିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ବରଫରୁ ତିଆରୀ ଆଇସ୍‌କ୍ରିମ୍, ଗୁପଚୁପ୍, ଚାଟ୍, ଚାଓମିନ୍, ଦହିବରା ଭଳି ଚୁସ୍କି, ଷ୍ଟ୍ରିଟ୍‌ଫୁଡ୍ ଓ ଜଙ୍କ୍‌ଫୁଡ ଖାଇ ସେମାନେ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଓ ମହାନଗର ନିଗମ ପକ୍ଷରୁ ସହରରେ ସଂକ୍ରମଣ ରୋକିବା ପାଇଁ ପ୍ରତିଦିନ ରାସ୍ତାକଡ଼ ଦୋକାନୀଙ୍କ ଦ୍ୱାରା ବ୍ୟବହୃତ ପାଣି ଓ ପ୍ରସ୍ତୁତ ହେଉଥିବା ଖାଦ୍ୟକୁ ପରୀକ୍ଷା କରାଯାଉଛି। ରାସ୍ତାକଡ଼ ଦୋକାନ ହେଉ ବା ବରଫ କାରଖାନା ହେଉ ଯେଉଁଠାରେ ସଂକ୍ରମଣର ଭୁତାଣୁ ଥିବା ଜଣା ପଡୁଛି ସେହି ଦୋକାନ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସିଲ୍ କରାଯାଉଛି। ସେହିପରି ସହରରେ ଜଣ୍ଡିସ୍ ସଂକ୍ରମଣକୁ ରୋକିବା ଦିଗରେ ଜିଲା ପ୍ରଶାସନ ପକ୍ଷରୁ ନିୟମିତ ଭାବେ ଜନ ସଚେତନତା ପାଇଁ ଡାକବାଜି ଯନ୍ତ୍ରରେ ପ୍ରଚାର ସହ ପେରିଫେରାଲ୍ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ବିଭିନ୍ନ ଅଞ୍ଚଳରେ ଘରକୁ ଘର ବୁଲି ରୋଗ ପ୍ରତିଷେଧକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂକ୍ରମଣର ତଦନ୍ତ କରାଯାଉଛି। ଚିହ୍ନଟ ହୋଇଥିବା ସମସ୍ତ ଆକ୍ରାନ୍ତଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ କାଉନସେଲିଂ ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକର୍ମୀଙ୍କ ଏକାଧିକ ଦଳଙ୍କୁ ନିୟୋଜିତ କରାଯାଇଛି। ଆଶାକର୍ମୀଙ୍କ ଦ୍ୱାରା ବିଭିନ୍ନ ଅଞ୍ଚଳରେ ଓଆର୍‌ଏସ୍ ଓ ହାଲୋଜେନ୍ ବଟିକା ବଣ୍ଟନ କରାଯାଇଛି। ଖାଦ୍ୟ ନିରାପତ୍ତା ଓ ପ୍ରବର୍ତ୍ତନ ବିଭାଗ କର୍ମଚାରୀଙ୍କ ଦ୍ୱାରା ବିଭିନ୍ନ ହୋଟେଲ ଓ ଦୋକାନରେ ଖାଦ୍ୟ ଶୁଦ୍ଧତାକୁ ସୁନିଶ୍ଚିତ କରାଯାଉଛି। ଜଳ ବିଶୋଧନ କାରଖାନା ତଥା ଜଳ ଯୋଗାଣ ବ୍ୟବସ୍ଥାର ବିଭିନ୍ନ ଜଳ ଭଣ୍ଡାରରେ ସୁପର କ୍ଲୋରିନେସନ୍ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ସହରର ସମସ୍ତ ନଳକୂପର ଜଳ ବିଶୋଧନ କାର୍ଯ୍ୟ ଜାରି ରହିଛି। ଜଳସାଥୀଙ୍କ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ସ୍ୱରୂପ ବିଭିନ୍ନ ସ୍ଥାନରେ ଥିବା ପାଣି ଟାଙ୍କିରେ ଗଚ୍ଛିତ ପାଣିର ଗୁଣବତ୍ତା ପରୀକ୍ଷଣ କରାଯାଉଛି। ସହରରେ ବିଛାଯାଇଥିବା ପୁରୁଣା ପାଇପ୍ ଗୁଡ଼ିକୁ ପରିବର୍ତ୍ତନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ମହାନଗର ନିଗମ ଖାଦ୍ୟ ନିରାପତ୍ତା ବିଭାଗ, ପୋଲିସ, ଜନସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନିକ ସ୍ତରରେ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ଜରିଆରେ ଖାଦ୍ୟ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି ବୋଲି ସମ୍ପୃକ୍ତ ବିଭାଗ ପକ୍ଷରୁ କୁହାଯାଇଛି।



ବୁଧବାର ସମ୍ବଲପୁର ଜିଲା ସାମଜିକ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସରେ ସଚେତନା ଶୋଭାଯାତ୍ରା।

## ଜରୁରୀ ପରିସ୍ଥିତି ଗଣତନ୍ତ୍ରରେ କଳାଦିବସ ଭାବେ ଲିପିବଦ୍ଧ ରହିବ

**ସମ୍ବଲପୁରରେ ଜରୁରୀ ପରିସ୍ଥିତିରେ ଗିରଫ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା**

ସମ୍ବଲପୁର,୨୬।୬(ଭବାନୀ ଶଙ୍କର ଭୋଇ)

୧୯୭୫ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ଅମଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନିଜ ପଦ ବଞ୍ଚାଇବାକୁ ଯାଇ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲେ। ଏହିସମୟରେ ସମ୍ବଲପୁରରେ ପ୍ରତିବାଦ କରି ଗିରଫ ହୋଇଥିବା ବ୍ୟକ୍ତିମାନଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବଲପୁରର ପ୍ରଭାତ ସୂପକାର, ଦେବାନନ୍ଦ ହୋତା, ରାମେଶ୍ୱର ପୁରୋହିତ, ବିଜୁ କେଡିଆ, ବେଣୁଧର ଦାସ, ଗୋଲକ ବିହାରୀ ମିଶ୍ର, ପୂର୍ଣ୍ଣାନନ୍ଦ ମିଶ୍ର, ଯୋଗେନ୍ଦ୍ର ମିଶ୍ର, ରାଧାକାନ୍ତ ବହିଦାର ଅନେକ ମାସ କାରାବରଣ କରିବା ସହିତ ନିର୍ଯାତନା ସହିଥିଲେ । ନୟାପଡାସ୍ଥିତ ଅଳିଭ ସଭା କକ୍ଷଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜେଲଦଣ୍ଡ ଭୋଗିଥିବା ସମ୍ବିଧାନ ସୁରକ୍ଷା ସଂଗ୍ରାମୀଙ୍କୁ ଭାଜପା ନେତା ଗୋବିନ୍ଦ ନାରାୟଣ ଅଗ୍ରୱାଲ ସ୍ୱାଗତ ଜଣାଯାଇଥିଲେ। ଏହି ଅବସରରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ଅନୁଭୂତି ବଖାଣି ଅନଆଲୋଚିତ ଘଟଣାଗୁଡ଼ିକୁ ଲୋକଙ୍କ ସମ୍ମୁଖରେ ଉତ୍ଥାପନ କରିଥିଲେ । ସେ ସମୟରେ ରାଜନୈତିକ ବିରୋଧୀ ନେତାମାନଙ୍କୁ ଜେଲ୍‌ରେ ଭର୍ତ୍ତି କରିଦେବା ସହିତ ଗରମାଧମର ଶ୍ୱାସରୁଦ୍ଧ କରି ଦିଆଯାଇଥିଲା। ସାରା ଦେଶରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥିଲା ବୋଲି ବକ୍ତାମାନେ କହିଥିଲେ। ଯିଏ ଅଗଣତାନ୍ତ୍ରିତ ଅଧ୍ୟାଦେଶକୁ ବିରୋଧ କଲେ ସେମାନଙ୍କ ସହିତ ଅନେକ ସଙ୍ଗଠନ ସଦସ୍ୟଙ୍କୁ ଜେଲରେ ଭର୍ତ୍ତି କରିଦେବାକୁ ହୀନ ପ୍ରୟାସ କରାଯାଇଥିଲା ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପ୍ରଦୀପ ସୂପକାର, ସୁନୀଲ ନନ୍ଦ, ଅଶୋକ ସାହୁ, ରଞ୍ଜନ ହୋତା, ଉପେନ୍ଦ୍ର ଝା, ଅରବିନ୍ଦ ନାୟକ, ମହମ୍ମଦ ଅନ୍ତୁ ସହଯୋଗ କରିଥିଲେ।

## ନଗର ରାଜଭାଷା କାର୍ଯ୍ୟକାରୀ କମିଟି ବୈଠକ

ସମ୍ବଲପୁର,୨୬।୬(ବି.ଶଙ୍କର)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ପକ୍ଷରୁ ନଗର ରାଜଭାଷା କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏମସିଏଲ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ରମ ହୋଇଥିଲା। ଏମ୍‌ସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାୱାଲେ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ କାଓଲେ ସମ୍ବଲପୁର ସହରର ସରକାରୀ ଭାଷା କାର୍ଯ୍ୟକାରୀ କମିଟି ଜାତୀୟ ପୁରସ୍କାର ଗ୍ରହଣ କରିଥିବାରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। କମ୍ପାନୀର କାର୍ମିକ ନିର୍ଦ୍ଦେଶକ କେଶବ ରାଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଥିଲେ ଯେ, ଆମେ ସମସ୍ତେ ହିନ୍ଦୀ ଭାଷାରେ ପରସ୍ପର ସହ କଥାବାର୍ତ୍ତା କରି ହିନ୍ଦୀର ପ୍ରଚାରରେ ସହଯୋଗ କରୁଛୁ । ସରକାରୀ ଭାଷା ହିନ୍ଦୀ ଆମକୁ ଏକତ୍ର ସଂଯୋଗ କରେ। ତେଣୁ ପତ୍ରିକା ସମ୍ବଲପ୍ରଭାର ସଫଳ ପ୍ରକାଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ବୈଠକରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଡେପୁଟି ଜେନେରାଲ୍ ମ୍ୟାନେଜର ସଞ୍ଜୟ କୁମାର ଝା, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ବିଭାଗୀୟ ମୁଖ୍ୟ ଅଜିତ କୁମାର ମେହେର , ସହକାରୀ ଜେନେରାଲ ମ୍ୟାନେଜର ମନୋଜ ଏମ ଆର , କାନାରା ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଦିବ୍ୟେନ୍ଦୁ କୁମାର ଯୋଗଦେଇ ହିନ୍ଦୀ ଭାଷାକୁ ପ୍ରୋତ୍ସାହିତ କରି ଏବଂ ଆଧୁନିକ ଜ୍ଞାନ କୌଶଳରେ ବ୍ୟବହାର କରିବା ସହ ଅଫିସ କାର୍ଯ୍ୟ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ସରକାରୀ ଭାଷା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ଅତିଥି ଓ କର୍ମକର୍ତ୍ତାମାନେ ପତ୍ରିକା ସମ୍ବଲପ୍ରଭାକୁ ଉନ୍ମୋଚନ କରୁଛନ୍ତି।

## ବ୍ଲକସ୍ତରୀୟ କ୍ରୀଡ଼ାଙ୍ଗନ ତାଲିମ ଶିବିର


ବ୍ଲକସ୍ତରୀୟ କ୍ରୀଡ଼ାଙ୍ଗନ ତାଲିମ ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକମାନେ।

ନାକଟିଦେଉଳ,୨୬।୬(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ଡଇଁଚା ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ାଙ୍ଗନ ତାଲିମ ଶିବିର ବୁଧୁବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨୪ ତାରିଖରେ ଏହି ଶିବିରକୁ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବାପୁଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଗିରିଶ୍ଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରକାଶ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ସମ୍ବଲପୁର ଜିଲା ମୋ ସ୍କୁଲ ଅଭିଯାନର ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକ ଭୂମିସୁତା ସାହୁ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବାପୁଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ବିଦ୍ୟାଳୟ ତଥା ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ନିର୍ମାଣରେ କ୍ରୀଡା ଶିକ୍ଷକମାନଙ୍କ ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ତିନିଦିନ ଧରି ଚାଲିଥିବା ତାଲିମ ଶିବିରରେ ରେଢ଼ାଖୋଲ ଏବଂ ନାକଟୀଦେଉଳ ବ୍ଲକର ବିଭିନ୍ନ ବିଦ୍ୟାଳୟର ୪୦ଜଣ କ୍ରୀଡା ଶିକ୍ଷକ ଯୋଗ ଦେଇ ଥିଲେ। ଶିବିରରେ ରାଜ୍ୟସ୍ତରୀୟ ସମ୍ବଳ ଶିକ୍ଷକ ଆଶିଷ କୁମାର ବିଶ୍ୱାଳ,କିସିଣ୍ଡା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଜ୍ୟୋତି ରଞ୍ଜନ ମହନ୍ତ ବଡ଼ମାଳ ସିଡିହତା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୌମ୍ୟ ମିଶ୍ର ଯୋଗଦେଇ ତାଲିମ ପ୍ରଦାନ କରିଥିଲେ।

## ରଥଯାତ୍ରା ପ୍ରସ୍ତୁତି ବୈଠକ


ସଭା ଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅଧିକାରୀ ଓ ଜନ ପ୍ରତିନିଧି।

ରେଢ଼ାଖୋଲ,୨୬।୬(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲରେ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ବୁଧବାର ବିଜ୍ଞାପିତ ଅଞ୍ଚଳ ପରିଷଦ ସଭା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ଉପଜଲାପାଳ ରଶ୍ମିରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ଚଳିତବର୍ଷର ରଥଯାତ୍ରାକୁ କିପରି ଶୃଙ୍ଖଳିତ ଭାବେ ଆୟୋଜନ କରାଯିବ ସେହି ପ୍ରସଙ୍ଗ ଉପରେ ଦେବୋତ୍ତର, ବ୍ରହ୍ମ ସମାଜ, ବିଭିନ୍ନ କମିଟି, ବୁଦ୍ଧିଜୀବୀ, ସାଧାରଣ ଜନତା, ପ୍ରଶାସନିକ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ରଥଯାତ୍ରା ଯାତ୍ରା ସମୟରେ ଅବକାରୀ ବିଭାଗର ଧରପକଡ଼ ଜୋରଦାର କରିବା, ଆଇନ ଶୃଙ୍ଖଳା, ଟ୍ରାଫିକ, ରାସ୍ତାଘାଟ,ବିଦ୍ୟୁତ୍, ପାନୀୟଜଳ, ରଥଯାତ୍ରା ସମୟରେ ଅଗ୍ନିଶମ ବିଭାଗଦ୍ୱାରା ପାଣି ସିଞ୍ଚନ ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ଏହା ଛଡା ପୂର୍ବ ବୈଠକରେ ଆଲୋଚନା ହୋଇଥିବା ବିଷୟ ଉପରେ ମଧ୍ୟରେ ଉପଜିଲାପାଳ ମହାନ୍ତ ସମୀକ୍ଷା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ଦେବୋତ୍ତର ବୋର୍ଡ ସଭାପତି ଅରୁଣ ପ୍ରଧାନ, ବ୍ରହ୍ମ ସମାଜର କର୍ମକର୍ତ୍ତା, ଏନଏସି ଇଓ ବିରଞ୍ଚି ଧରୁଆଙ୍କ ସମେତ ଥାନା ଅଧିକାରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପାଇକମାଳ ମଣ୍ଡିରେ ପଡ଼ିଛି ୬୨୩୫ ବସ୍ତା ଧାନ


ମଣ୍ଡିରେ ଧାନବସ୍ତା ପଡ଼ିରହିଛି।

ପାଇକମାଳ,୨୬।୬(ବଡ ଶତପଥୀ)

ବରଗଡ ଜିଲା ପାଇକମାଳସ୍ଥିତ ସାପ୍ତାହିକ ବଜାର ପରିସରରେ ଥିବା ଧାନ ମଣ୍ଡିରେ ଚାଷୀମାନଙ୍କ ୬୨୩୫ ବସ୍ତା ଧାନ ପଡି ରହିଛି। ମିଲର୍ସମାନଙ୍କ ମନମୁଖୀ ଯୋଗୁ ଧାନ ଠିକ ଭାବେ ଉଠୁ ନ ଥିବା ଜଣାପଡିଛି। ଗତ ମାସ ମେ ପନ୍ଦର ତାରିଖରୁ ଜୁନ ମାସ ପଚିଶ ତାରିଖ ଯାଏ ୫୭୬ଜଣ ଚାଷୀମାନଙ୍କ ୩୫୫୮୬ ପାକେଟ ଧାନ ଉଠି ଥିବା ବେଳେ ମଙ୍ଗଳବାର ସୁଦ୍ଧା ୫୧ଜଣ ଚାଷୀଙ୍କ ୬୨୩୫ ପାକେଟ ଧାନ ପଡି ରହିଛି ବୋଲି ପାଇକମାଳ ସେବା ସମବାୟ ସମିତି ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ କହିଛନ୍ତି। ଦୁଇ ଦିନ ମଧ୍ୟରେ ସମସ୍ତ ଧାନ ଉଠି ଯିବ ବୋଲି କହିଛନ୍ତି। ମଣ୍ଡିକୁ ଆସିଥିବା ଚାଷୀ ଲିଜା ପ୍ରଧାନ ଗ୍ରାମ ଢେଂକିମୁଣ୍ଡାଙ୍କୁ ପଚାରିବାରୁ ସେ ଗତ ତା ୭।୬।୨୪ ରିଖରେ ୧୮୦ ପାକେଟ ଧାନ ପକାଇଥିଲେ। ବୁଧବାର ମୋର ସବୁ ଧାନ ଲୋଡିଂ ହେଉଛି ବୋଲି କହିଥିଲେ। ସେହିପରି ଆଉ ଜଣେ ଚାଷୀ ଈଶ୍ୱର ପଧାନ ନିବାସୀ ସାଲେପାଲିଙ୍କୁ ପଚାରିବାରୁ ମୋର ୬୯ ପାକେଟ ଧାନ ଗତ ତା୯।୬।୨୪ ରିଖରେ ମଣ୍ଡିରେ ପକାଯାଇଛି, ବୁଦବାର ଧାନ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ଦରରେ ଉଠିବ ବୋଲି କହିଛନ୍ତି। କଟନି ଛଟନି ହେଉଛି କି ବୋଲି ଚାଷୀମାନଙ୍କୁ ପଚାରିବାରୁ କେତେ କାଟିବେ କାଟନ୍ତୁ ପଛକେ ଆମର ଧାନ ଶୀଘ୍ର ଉଠାନ୍ତୁ ବୋଲି ଦୁଃଖଭରା କଣ୍ଠରେ ସେମାନେ କହିଥିଲେ।

# ଯୁବପିଢ଼ିକୁ ନିଶାରୁ ଦୂରେଇ ରଖିବା ବଡ଼ ଦାୟିତ୍ୱ

**ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ନିରୋଧ ଦିବସ ପାଳନ**

ସମ୍ବଲପୁର,୨୬।୬(ଭବାନୀ ଶଙ୍କର ଭୋଇ)



ସବୁଜ ପତାକା ଦେଖାଇ ଅତିଥିମାନେ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ବିରୋଧ ଦିବସ ଅବସରରେ ବୁଧବାର ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦ। ଜିଲା ସମାଜ ମଙ୍ଗଳ ଅଧିକାରୀ ଝୁନୁ ସ୍ୱାଇଁ, ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଡ. ମୁରଲୀ ବେହେରା, ଅବକାରୀ କମିଶନର ରାଜେନ୍ଦ୍ର ବୋଥ୍ରା, ଜିଲା ଅବକାରୀ ଅଧିକ୍ଷକ ଅଶୋକ ସେଟ୍, ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କାଲୋ ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ସମ୍ବଲପୁର ସହରର କଚେରୀ ଛକଠାରୁ ବାହାରି ନାରୀ ସେବା ସଦନ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରା ସ୍ଥାନୀୟ ନାରୀ ସେବା ସଦନରେ ପହଞ୍ଚିବା ପରେ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳନ ଉପଲକ୍ଷେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ହୋଇଥିବା ପ୍ରତିଯୋଗିତାଗୁଡିକର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ଯୁବ ଗୋଷ୍ଠୀ ନିଶା ଦ୍ୱାରା ଆକ୍ରାନ୍ତ ହେବା ସମାଜ ପାଇଁ ଚିନ୍ତାର ବିଷୟ ବୋଲି କହିଥିଲେ। ସେଥିପାଇଁ ସମସ୍ତେ ମିଶି ଯୁବ ଗୋଷ୍ଠୀଙ୍କୁ କିଭଳି ନିଶାରୁ ଦୂରେଇ ରଖାଯାଇ ପାରିବ ସେ ନେଇ ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହ ସମାଜରେ ମାଦକ ଦ୍ରବ୍ୟର ବ୍ୟବହାର ଯୋଗୁ ନାନା ଅପରାଧ ହେଉଥିବାରୁ ଏହାର ବ୍ୟବହାର ଏବଂ ଚୋରାଚାଲାଣ ରୋକିବା ଦିଗରେ ଅବକାରୀ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବିଷୟରେ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନର ବହୁ ବରିଷ୍ଠ ପଦାଧିକାରୀ, ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା, ଆଧ୍ୟାତ୍ମିକ ଅନୁଷ୍ଠାନ ପ୍ରତିନିଧିଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ନିଶା ନିବାରଣ ଓ ଅବୈଧ ପରିବହନ ଦିବ



ନୂଆପଡ଼ା,୨୬।୬ (ମକାରୁ ବେମାଲ): ନୂଆପଡା ଜିଲା ପ୍ରଶାସନ ଓ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ନୂଆପଡାଙ୍କ ମିଳିତ ଆନୁକୂଲ୍ୟରେ ବୁଧବାର ନିଳାଦ୍ରୀ ବିହାର କଲ୍ୟାଣ ମଣ୍ଡପଠାରେ ନିଶା ନିବାରଣ ଓ ଅବୈଧ ପରିବହନ ଦିବସ ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡିଏମ୍‌ଓ ଲଳିତ କୁମାର ବିଶି ମୁଖ୍ୟଅତିଥି, ଅବକାରୀ ଇନ୍ସପେକ୍ଟର ସୁରେଶ ଚନ୍ଦ୍ର ତାଣ୍ଡି, ବିଏସ୍‌ଏସ୍‌ଓ କୋମନା ଅମିତ ମେହେର, ବିଏସ୍‌ଏସ୍‌ଓ ନୂଆପଡା ହରେକୃଷ୍ଣ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ନିଶା ବ୍ୟବହାରର କୁପରିଣାମ ଉପରେ ଛାତ୍ରୀଛାତ୍ର, ଅଭିଭାବକ, ଜନସାଧାରଣଙ୍କୁ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରେ ନିଶା ନିବାରଣ ଉପରେ ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

### ରାଣୀ ଦୁର୍ଗାବତୀଙ୍କ ୪୬୧ତମ ବଳିଦାନ ଦିବସ

ରିଷିଡ଼ା,୨୬।୬ (ସୁଶାନ୍ତ ମଲ୍ଲିକ)- ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା କଳାହାଣ୍ଡି ଜିଲାର କର୍ଲାମୁଣ୍ଡା ସମିତି ଓ ଆଞ୍ଚଳିକ ପୌରକେଲା କମିଟିଆନୁକୂଲ୍ୟରେ ଶିରାବାହାଲ ଗ୍ରାମର ଗୋଣ୍ଡୱାନା ସଭାଗୃହରେ ରାଣୀ ଦୁର୍ଗାବତୀଙ୍କ ୪୬୧ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏଥିରେ ବ୍ଲକ୍ ସଭାପତି ପରଧିଆ ଧରୁଆ ରାଣୀ ଦୁର୍ଗାବତୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକ୍ ସମ୍ପାଦକ ସହଦେବ ଧରୁଆ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ସଭାପତି ରଘୁମଣି ଭୋଇ, ସମ୍ପାଦକ ବଳଭଦ୍ର ଭୋଇ, ରାଜ୍ୟ ଯୁବ କମିଟିର ରବୀନ୍ଦ୍ର ଭୋଇ ଉପସ୍ଥିତ ରହି ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଦସ୍ୟ ଚନ୍ଦ୍ରମଣି ଭୋଇ, ଚିନ୍ତାମଣି ଭୋଇ, ବରୁଣ ଭୋଇ, ଯତିନ ଭୋଇଙ୍କ ସମେତ କର୍ଲାମୁଣ୍ଡା ବ୍ଲକ୍‌ର ବିଭିନ୍ନ ଗ୍ରାମର ସଦସ୍ୟମାନେ ଉପସ୍ଥିତ ଥିଲେ।

### ଚାଲିଛି ବାଲି ଚୋରାଚାଲାଣ



ରିଷିଡ଼ା,୨୬।୬(ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ପୌରକେଲା, କୁନ୍ଦେଇପାଲି, ତେରେସିଂହା, ତେଲନଦୀରୁ ବ୍ୟାପକ ଭାବେ ବାଲି ଚାଲାଣ ହେଉଛି। ବାଲିଘାଟ ଠିକା ନେଇଥିବା ଠିକାଦାର ରାଜ୍ୟ ବାହାରର ବାଲି ମାଫିଆଙ୍କ ସ୍ୱାର୍ଥ ପୂରଣ ପାଇଁ ଟ୍ରିପ୍ ଟ୍ରିପ୍ ବାଲି ବିକ୍ରି କରୁଛନ୍ତି। ରାତିରେ ହାଇୱା ଦ୍ୱାରା ବାଲି ଚାଲାଣ ହେଉଥିବାରୁ ଠିକାଦାର ଅଧିକ ମୁନାଫା ଉଠାଉଛନ୍ତି। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ବିଧାୟିକାଙ୍କୁ ଶିକ୍ଷକ ସଂଘର ସ୍ୱାଗତ ସମ୍ବର୍ଦ୍ଧନା

ରୁପ୍ରାରୋଡ,୨୬।୬(ସଞ୍ଜୀବ ଦାସ): ନବନିର୍ବାଚିତ ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କୁ ନର୍ଲା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏ ନେଇ ନର୍ଲା ପ୍ରାଥମିକ ଶିକ୍ଷକ ଭବନ ପରିସରରେ ଆୟୋଜିତ ସଭାରେ ବିଧାୟିକା ମହାନ୍ତିଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବୀରେନ୍ଦ୍ର ବାଗ, ସାଧାରଣ ସମ୍ପାଦକ ଧୀରେନ୍ଦ୍ର ପଟ୍ଟନାୟକ, ଜିଲା କୋର୍ କମିଟି ସଦସ୍ୟ ତପନ କୁମାର ବେହେରା, ଥୁଆମୂଳ ରାମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅଜିତ କୁମାର ନାୟକ, ନର୍ଲା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମୀନକେତନ ସାହୁ, ସାଧାରଣ ସମ୍ପାଦକ ଅମିତ କୁମାର ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ବିଧାୟିକା ମହାନ୍ତିଙ୍କୁ ସଂଘ ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷା ଭିତ୍ତିଭୂମିର ବିକାଶ ଦିଗରେ ଶତ ପ୍ରତିଶତ ପ୍ରୟାସ କରିବେ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ।

# ସଚେତନତା ଦ୍ୱାରା ନିଶାଦ୍ରବ୍ୟ ରୋକାଯାଇପାରିବ

**ନିଶାଦ୍ରବ୍ୟ ବ୍ୟବହାର, ଅବୈଧ ଚୋରାଚାଲାଣ ନିରୋଧ ଦିବସ**

ଭବାନୀପାଟଣା,୨୬।୬ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଟାଉନ ହଲ୍‌ଠାରେ ବୁଧବାର ଆନ୍ତର୍ଜାତିକ ନିଶାଦ୍ରବ୍ୟ ବ୍ୟବହାର ଓ ଅବୈଧ ଚୋରାଚାଲାଣ ନିରୋଧ ଦିବସ ଉପଲକ୍ଷେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଜିଲା ଅବକାରୀ ବିଭାଗ, ଜିଲା ଶିକ୍ଷା ବିଭାଗ ତଥା ଅନ୍ୟାନ୍ୟ ବିଭାଗର କର୍ମକର୍ତ୍ତା ତଥା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବିଭିନ୍ନ ବିଭାଗର କର୍ମକର୍ତ୍ତା, ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।



ସଚେତନତା ରଥକୁ ଜିଲାପାଳ ସବୁଜ ପତକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଏହି ଅବସରରେ ସଚେତନତା ରଥକୁ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି, ଭବାନୀପାଟଣା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ପଲ୍ଲିଶ୍ରୀ ପଟ୍ଟନାୟକ ମୁଖ୍ୟବକ୍ତା ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ସହକାରୀ ଜିଲାପାଳ ଅମର ପରାସେଠ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ଅବକାରୀ ଇନ୍ସପେକ୍ଟର ହେମକାନ୍ତ ସୁନା ଓ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଞ୍ଚାଳିକା ଶଶୀ ଦେବୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଚେତନତା ଦ୍ୱାରା ନିଶାଦ୍ରବ୍ୟ ବ୍ୟବହାର ଓ ଅବୈଧ ଚୋରାଚାଲାଣ ରୋକାଯାଇପାରିବ ବୋଲି ଅତିଥିମାନେ ମତ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ହାଇସ୍କୁଲ ଓ କଲେଜସ୍ତରୀୟ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ନିଶାଦ୍ରବ୍ୟ ସେବନରୁ ସମ୍ପୂର୍ଣ୍ଣ ମୁକ୍ତି ପାଇଥିବା ଆଶିଷ ମହାନ୍ତି, ପ୍ରଶାନ୍ତ ସେଠୀ, ଲହଦର ବିଭାର, ସୈରେନ୍ଦ୍ର ମାଝିଙ୍କୁ ଜିଲା ପ୍ରଶାସନ ତରଫରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି ଅବସରରେ କୁନି କୁନି କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା।

## ଲଘୁଚାପଜନିତ ବର୍ଷା: ଚାଷୀ ମନରେ ଖୁସି

କେସିଙ୍ଗା,୨୬।୬(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଅଞ୍ଚଳରେ ବୁଧବାର ଅପରାହ୍ନରେ ଲଘୁଚାପଜନିତ ବର୍ଷା ହୋଇଥିବାରୁ ଚାଷୀ ମଧ୍ୟରେ ଖୁସି ପରିଲକ୍ଷିତ ହୋଇଛି। ଦୀର୍ଘଦିନ ଧରି ଅପେକ୍ଷା କରିଥିବା ଚାଷୀ ଏବେ ଚାଷକାମ ସୁରୁଖୁରୁରେ କରିପାରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। କେସିଙ୍ଗା ବ୍ଲକ୍‌ରେ ୩୦ହଜାର ହେକ୍ଟର ଜମିରୁ ୯ହଜାର ହେକ୍ଟର ଜମିରେ ଧାନଚାଷ ହୋଇଛି। ସେହିପରି ୯ହଜାର ହେକ୍ଟରରେ କପା ଚାଷ କରାଯାଇଛି। ମକା, ଚିନାବାଦାମ, କାନ୍ଦୁଲ ସହ ପନିପରିବା ଚାଷ ମଧ୍ୟ କରାଯାଇଛି। ବର୍ଷା ଅଭାବରୁ ଜୁନ୍ ୨୫ ସୁଦ୍ଧା ଚାଷକାମ ଆଗେଇପାରୁ ନ ଥିଲା। ବୁଧବାର ଅପରାହ୍ନ ସାଢେ ୪ଟା ସମୟରେ ବ୍ଲକ୍‌ର ୨୬ ଗ୍ରାମପଞ୍ଚାୟତରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିବାରୁ ଚାଷୀ ମନରେ ଆନନ୍ଦ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ କେସିଙ୍ଗା ବ୍ଲକ୍ କୃଷି ଅଧିକାରୀ ଘନଶ୍ୟାମ ଦେହୁରିଙ୍କୁ ପଚାରିବାରୁ ଆଜି ଭଲ ବର୍ଷା ହୋଇଥିବାରୁ ଚାଷକାମ ଆଗେଇପାରିବ। କପା ଓ ଧାନଚାଷ ପାଇଁ ବର୍ଷା ଆବଶ୍ୟକତା ଥିଲା ବୋଲି ପ୍ରକାଶ କରିଥିଲେ।

# ନଦୀରେ ପୋଲ ନାହିଁ, ଯାତାୟାତରେ ସମସ୍ୟା

ଥୁଆମୂଳ ରାମପୁର,୨୬।୬(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କେରପାଇ ପଞ୍ଚାୟତବାସୀଙ୍କ ଯାତାୟାତରେ ବାଧକ ସାଜିଛି ନଦୀ। ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ସରକାରଙ୍କ ନିକଟରେ ଦାବି ଜଣାଇଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ଏବେ ବର୍ଷାଦିନ ଆରମ୍ଭ ହୋଇଯାଇଥିବାରୁ ସେମାନଙ୍କ ଚିନ୍ତା ବଢିଯାଇଛି। ଏହି ପଞ୍ଚାୟତରେ ୭ଖଣ୍ଡ ରାଜସ୍ୱ ଗ୍ରାମ ରହିଥିବା ବେଳେ ଲୋକ ସଂଖ୍ୟା ପ୍ରାୟ ୧୩ଶହ ହେବ। ଅଧିକାଂଶ ଲୋକେ ମଜୁରି କରିବା ସହ ସ୍ୱଳ୍ପ ଜମିରେ ଚାଷକରି ଜୀବିକା ନିର୍ବାହ କରନ୍ତି। କେରପାଇ ଗ୍ରାମଠାରୁ ୧୦୦ମିଟର ଦୂରରେ ବହିଯାଇଛି 'ରାଣିବାଳି ନଦୀ'। ବର୍ଷାଦିନ ଆସିଲେ ଏହି ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡେ। ନଦୀର ଆର ପାରିରେ କାଟେଲେକା, କୁଟୁମାଳି, ନିଲାଙ୍ଗବନ୍ଧ, ଲିଲୀଙ୍ଗପଦର, ହେଟକନା, ରାଣୀବାଲୀ, ପଡାପାଇ ଭଳି ଗାଁ ରହିଛି। ଭତ୍ତା, ରାଶନ ସାମଗ୍ରୀ ଆଣିବା ପାଇଁ ଗ୍ରାମପଞ୍ଚାୟତକୁ ଯିବାକୁ ପଡିଥାଏ। ଏହାଛଡା ପିଲାମାନେ ପାଠପଢା ପାଇଁ ଏହି ନଦୀ ପାରି ହୋଇ ସ୍କୁଲକୁ ଯାଇଥାନ୍ତି। ବର୍ଷାଦିନେ ନଦୀ ଜଳପୂର୍ଣ୍ଣ ରହୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।



ବିପଦପୂର୍ଣ୍ଣ ଭାବେ ନଦୀ ପାର ହେଉଛନ୍ତି ଲୋକେ।

**କେରପାଇ ପଞ୍ଚାୟତ**

ବାରମ୍ବାର ଦାବି ପରେ ପୋଲ ନିର୍ମାଣ ପାଇଁ ବିଜେଡି ସରକାରଙ୍କ ପକ୍ଷରୁ ୫ ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା। ପୋଲ ହେବ ଭାବି ଲୋକେ ଖୁସିରେ ବିଭୋର ହୋଇଥିଲେ। ହେଲେ ତାହା ଏବେ ସେମାନଙ୍କ ପାଇଁ ମରିଚିକା ପାଲଟିଛି। ନଦୀରେ ପୋଲ ନିର୍ମାଣ ପାଇଁ ବିଗତ ଦିନରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ପତ୍ର ସଂଖ୍ୟା.୪୬୨, ତା୨୯।୦୬।୨୦୨୨ରିଖରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପତ୍ର ଲେଖି ଜଣାଇଥିବା କୁହାଯାଉଛି। ଏହା ସତ୍ତ୍ୱେ ପଦକ୍ଷେପ ନିଆଯାଇ ନ ଥିବାରୁ ପୋଲ ହେବା ନେଇ ଅଞ୍ଚଳବାସୀ ଆଶା ଅଶଙ୍କାରେ ରହିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ଏସ୍ ତିୱାରୀ ଆଲମଙ୍କୁ ପଚାରିବାରୁ ସର୍ଭେ କାମ ସରିଛି, ନିର୍ଦ୍ଦିଷ୍ଟ ଠିକାଦାର ଟେଣ୍ଡର ପାଇଛନ୍ତି। ବର୍ଷାଋତୁ ସରିଲା ପରେ ପୋଲ କାମ ଆରମ୍ଭ ହେବ ବୋଲି କହିଥିଲେ।

## ସରକାରଙ୍କ ଉଦ୍ଦେଶ୍ୟରେ ୱାର୍ଡସଭ୍ୟଙ୍କ ଦାବିପତ୍ର

କୋକସରା,୨୬।୬ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

ୱାର୍ଡ ପ୍ରତିନିଧିମାନେ ତୃଣମୂଳ ସ୍ତରରେ ପଞ୍ଚାୟତ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ହେଲେ ସରକାର ଭତ୍ତା ଓ ଅନ୍ୟ ସୁବିଧା ପ୍ରଦାନ ଦିଗରେ ସେମାନଙ୍କୁ ଅଣଦେଖା କରିଆସୁଛନ୍ତି। ଦାବି ସମ୍ପର୍କରେ ସରକାରଙ୍କୁ ପୁଣି ଥରେ ଅବଗତ କରାଇବା ପାଇଁ କଳାହାଣ୍ଡି ଜିଲା ସଂଘ ନିଷ୍ପତ୍ତିକ୍ରମେ ୫ଦଫା ଦାବିପତ୍ର ଦିଆଯାଇଛି। ଏହି କ୍ରମରେ କୋକସରା ବ୍ଲକ୍‌ର ୨୨ ପଞ୍ଚାୟତରେ ପିଇଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ବୁଧବାର ଆମପାଣି ଗ୍ରାମପଞ୍ଚାୟତର ୱାର୍ଡ ପ୍ରତିନିଧିମାନେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗିରୀଶ ଚନ୍ଦ୍ର ନାଏକ ଓ ସ୍ଥାନୀୟ ଆମପାଣି ସରପଞ୍ଚ ରୁକ୍ମିଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନାଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରମୁଖ ଦାବି ମଧ୍ୟରେ ୱାର୍ଡ ପ୍ରତିନିଧିଙ୍କ ମାସିକ ଭତ୍ତା ୪୫୦ ଟଙ୍କାକୁ ୬ ହଜାରକୁ ବୃଦ୍ଧି, କାର୍ଯ୍ୟକାଳ ଅବଧି ଶେଷ ପରେ ୨ ହଜାର ଟଙ୍କା ଭତ୍ତା ପ୍ରଦାନ, ଦୁର୍ଘଟଣାଜନିତ କିମ୍ବା ଅପ୍ରାକୃତିକ ମୃତ୍ୟୁ ହେଲେ ୧୦ ଲକ୍ଷ ଓ ଶାରୀରିକ କ୍ଷତି ପାଇଁ ୫ ଲକ୍ଷ ଟଙ୍କାର ବୀମା ପ୍ରଦାନ, ପଞ୍ଚାୟତର ସମସ୍ତ ଉନ୍ନୟନ କାର୍ଯ୍ୟରେ ସାମିଲ ଆଦି ଅନ୍ୟତମ। ଦାବିପତ୍ର ପ୍ରଦାନ ସମୟରେ ନାଏବ ସରପଞ୍ଚ ଭବାନୀ ଶଙ୍କର ପୁରୋହିତ, ଶ୍ୟାମସୁନ୍ଦର ମାଝି, ନୃପରାଜ ନାଏକ, ଦୁର୍ଗା ବେଶ୍ରା, ଜୟନ୍ତ ମାଝି, ଅର୍ଜୁନ ମାଝି, ତୁଳସା ମାଝି, ଲିଲିମୟୀ ସାହୁ, ଡାଲିମ୍ବ ବାଗ, ଉର ପୂଜାରୀ ପ୍ରମୁଖ ୱାର୍ଡ ପ୍ରତିନିଧି ଉପସ୍ଥିତ ଥିଲେ।

## ଜିଏମ୍‌ଙ୍କ କେସିଙ୍ଗା ରେଳଷ୍ଟେଶନ ପରିଦର୍ଶନ

କେସିଙ୍ଗା, ୨୬।୬(ତୁମେଶର ସାହୁ)

ପୂର୍ବତଟ ରେଳପଥ ଜିଏମ୍ ପରମେଶ୍ୱର ଫୁଙ୍କୱାଲ ଓ ଡିଆର୍‌ଏମ୍ ସମ୍ବଲପୁର ଡିଭିଜନ ତୁଷାରକାନ୍ତ ପାଣ୍ଡେ ବୁଧବାର କଳାହାଣ୍ଡି ଜିଲାର କେସିଙ୍ଗା ରେଳଷ୍ଟେଶନ ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରକାଶଥାଉ କି କେସିଙ୍ଗା ରେଳ ଷ୍ଟେଶନକୁ କେନ୍ଦ୍ର ସରକାରଙ୍କ ଅମୃତ ଷ୍ଟେଶନ ଯୋଜନାରେ ସାମିଲ କରିଥିବାରୁ କାମ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ପରିଦର୍ଶନ ସମୟରେ ସହରବାସୀ ଜିଏମ୍‌ଙ୍କୁ ଭେଟି ଷ୍ଟେଶନର ବିଭିନ୍ନ ସମସ୍ୟା ଯଥା କେସିଙ୍ଗାରୁ ଭୁବନେଶ୍ୱର ପାଇଁ ସିଧାସଳଖ ଟ୍ରେନ ବ୍ୟବସ୍ଥା, ଟିଟଲାଗଡ ପର୍ଯ୍ୟନ୍ତ ଆସୁଥିବା ଇସ୍ପାତ ଟ୍ରେନକୁ କେସିଙ୍ଗା ନଚେତ ରାୟଗଡ଼ା ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ କହିଥିଲେ। ଏଥିରେ ସାଂସଦ ପ୍ରତିନିଧି ରାକେଶ ଜୈନ, ଧରଣୀଧର ନାଏକ, ସତ୍ୟବ୍ରତ ଦାସ, ପିଙ୍କୁ ପରିଡ଼ା, ବିମଳ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ସାହିତ୍ୟ ସୃଜନୀ ତାଲିମ ଉଦ୍‌ଯାପିତ

ଖଡ଼ିଆଳ,୨୬।୬(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୩ଦିନ ଧରି ଚାଲିଥିବା ବ୍ଲକ୍‌ସ୍ତରୀୟ ସାହିତ୍ୟ ସୃଜନୀ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଷ୍ଟେଟ ରିସୋର୍ସ ଗ୍ରୁପ୍‌ର ସଦସ୍ୟ ତଥା ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସୃଜନୀ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଭାଷା ସାହିତ୍ୟ ପ୍ରତି ଅନୁରାଗ ସୃଷ୍ଟି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମାଷ୍ଟର ଟ୍ରେନର ଭାବରେ ସିନାପାଲି ବ୍ଲକ୍‌ରୁ ଗୋଡ଼ାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରମେଶ କୁମାର ପଟେଲ, ଖଡ଼ିଆଳ ବ୍ଲକ୍‌ରୁ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସାଗର ବାଗ ଓ ବୋଡେନ ବ୍ଲକ୍‌ରୁ କରଙ୍ଗାମାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରମେଶ ମାଝି ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷକ ହିମାଂଶୁ ପୋଢ଼, ନକୁଳ କୁମାର ନନ୍ଦ, ମାନସ ରଞ୍ଜନ ସାହୁ, ଦକ୍ଷ କୁମାର ବନଛୋର, ମାମିନା ମେହେର, ସଞ୍ଜୟ କୁମାର ଦାସ ଓ ହେରାମ୍ବ ହଂସ ତାଲିମ କାର୍ଯ୍ୟକ୍ରମରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ।



ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ।

## ନର୍ଲାରେ ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି

ନର୍ଲା,୨୬।୬(ସନ୍ତୋଷ ପାତ୍ର): ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆ ସରକାର ଗଠନ ପରେ ଏହା ପ୍ରଥମ ଶିବିର। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ରୀପୁନାଥ ସୁନା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରବି କୁମାର ନାଏକ, ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତିଙ୍କ ସମେତ ୨୬ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ଯୋଗ ଦେଇଥିଲେ। ଶିବିରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବିଷୟରେ ଆଲୋଚନା ହେବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ କିପରି ସୁଫଳ ପାଇବେ ସେ ବିଷୟରେ ଆଲୋଚନା ହୋଇଥିଲା।

## ଆଇନ ସଚେତନତା ଶିବିର

କେସିଙ୍ଗା,୨୬।୬ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ତାଲୁକ ଆଇନସେବା ସମିତି ପକ୍ଷରୁ ଏକ ଆଇନ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମଶ୍ରେଣୀ ବିଚାରବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷ ତାଲୁକ ଆଇନ ସେବା ସମିତି କେସିଙ୍ଗା ଧନଞ୍ଜୟ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦାଦନ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହାସହ ସେମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଆଇନ ପରାମର୍ଶଦାତା ସୌରରଶ୍ମି ନନ୍ଦ, ବରିଷ୍ଠ ଆଇନଜୀବୀ ସୌମ୍ୟରଞ୍ଜନ ମିଶ୍ର, ସନ୍ତୋଷ କୁମାର ଦାଶ, ବୈଷ୍ଣବ ମହଲା, ଦିନେଶ କୁମାର ଭୋଇ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

## ବିଧାୟକ ପ୍ରଦୀପ ଦିଶାରୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

ଲାଞ୍ଜିଗଡ,୨୬।୬(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରଠାରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କୁ ଦଳୀୟ କର୍ମକର୍ତ୍ତାଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପୂର୍ବରୁ ବିଧାୟକଙ୍କୁ ଏକ ଶୋଭାଯାତ୍ରାରେ ବିଶ୍ୱନାଥପୁର ସହର ପରିକ୍ରମା କରାଯାଇଥିଲା। ଲୋକଙ୍କ ଗହଣରେ ବିଧାୟକ ବିଶ୍ୱନାଥପୁର ବସ୍ତିରେ ଥିବା ଆରାଧ୍ୟ ଭୈରବ ଦେବଙ୍କ ଆଶୀର୍ବାଦ କାମନା କରିବା ପରେ ହୀରାନୀଳା ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେସନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଜିଲା ପରିଷଦ ସଦସ୍ୟ ଅଞ୍ଜଳିମାଝି, ବରିଷ୍ଠ ବିଜେଡି ନେତା ହରିଶ୍ଚନ୍ଦ୍ର ବୁଢ଼ିଆ, ମନୋହର ହରପାଲ, ଶ୍ରୀଧର ପେସନିଆ, ଚନ୍ଦ୍ରଧ୍ୱଜ ପେସନିଆ, ଯୁବନେତା ଚାଞ୍ଚେର ମାଝି, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ବିଜେଡି ଜୋନ ସଭାପତି ଚନ୍ଦ୍ରଶେଖର ମହାପାତ୍ର, ମହିଳା ବିଜେଡି ସଭାନେତ୍ରୀ ସୁଜାତା ଘଡେଇ ପ୍ରମୁଖ ମଞ୍ଚାସୀନ ଥିଲେ। ବିଜେଡି ଜିଲା ସମ୍ପାଦକ ଜଗଦୀଶ ବେନିଆଁ ସଭା ପରିଚାଳନା କରିଥିବାବେଳେ ବ୍ଲକର ୨୬ ଗ୍ରାମପଞ୍ଚାୟତର ହଜାରରୁ ଉର୍ଦ୍ଧ୍ୱ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ରହି ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଦ୍ୱିତୀୟ ଥର ପାଇଁ ନିର୍ବାଚିତ କରିଥିବାରୁ ବିଧାୟକ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇବା ସହିତ ଆଗାମୀ ଦିନରେ ଲୋକଙ୍କ ପାଇଁ ଆହୁରି ସମର୍ପିତ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।




ସମ୍ବର୍ଦ୍ଧନା ସଭାରେ ଦଳୀୟ ନେତୃବୃନ୍ଦ।

# ମୋ ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା

ନୂଆପଡ଼ା,୨୬।୬ (ମକାରୁ ବେମାଲ)

ନୂଆପଡା ଜିଲା ଖରିଆର ରୋଡ ଏନ୍‌ଏସିରେ ମୋ ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଏସ୍‌ଏଚ୍‌ଜି ଜରିଆରେ ଠିକାଦାର ଏହି କାର୍ଯ୍ୟ କରୁଥିବାବେଳେ ଏହାର ପ୍ରତିବାଦ କରି ମୁଣ୍ଡାଗାଁର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ନୂଆପଡା ଜିଲାପାଳ ହେମକାନ୍ତ ସାୟଙ୍କୁ ସାକ୍ଷାତ କରି ଅବଗତ କରାଇଛନ୍ତି। ମହିଳାମାନଙ୍କ ଅଭିଯୋଗ ମୁତାବକ ଖରିଆର ରୋଡ ଏନ୍‌ଏସିରେ ରାଜ୍ୟ ସରକାରଙ୍କ ଗୃହ ଓ ସହରୀ ବିକାଶ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ଯୋଜନାରେ ୩ଟି ମୋ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରେ ୱାର୍ଡ ନମ୍ବର ୯ ମୁଣ୍ଡାଗାଁରେ ୧ କୋଟି ୮୦ ଲକ୍ଷ ୪୬ ହଜାର ବ୍ୟୟ ଅଟକଳରେ ପୋଖରୀ କାମ ଚାଲିଛି। ନିୟମ ମୁତାବକ ସମ୍ପୃକ୍ତ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀକୁ କାର୍ଯ୍ୟକାରୀ ସଂସ୍ଥା ଭାବରେ ନିୟୋଜିତ କରିବା କଥା। ଏଥିରେ ୧୩ଟି ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀଙ୍କୁ ସାମିଲ କରାଯାଇଥିବା ସୂଚନା ଫଳକରେ ଦର୍ଶାଯାଇଛି। କିନ୍ତୁ ମୁଣ୍ଡାଗାଁରେ ୧୭ଟି ଏସ୍‌ଏଚ୍‌ଜି ମହିଳା ମଣ୍ଡଳ ଥିବା ସତ୍ତ୍ୱେ କୌଣସିଟିକୁ ପୁନରୁଦ୍ଧାର କାର୍ଯ୍ୟରେ ସାମିଲ କରାଯାଇ ନାହିଁ। ପୁଣି କାର୍ଯ୍ୟ ଆରମ୍ଭ ପୂର୍ବରୁ ଏନ୍‌ଏସିରେ ବୈଠକ କରି ସମସ୍ତ କାଉନସିଲର ଓ ସହରବାସୀଙ୍କ ମତାମତ ନେବାର ନିୟମ ରହିଛି। କିନ୍ତୁ ଏଠାରେ ତାହାର ବ୍ୟତିକ୍ରମ ଦେଖାଦେଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆ ନ ଯିବାରୁ ଗାଁର ମହିଳାମାନେ ଜିଲାପାଳ ସାୟ ଓ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଗାଁର ମହିଳାମାନଙ୍କୁ ପୁନରୁଦ୍ଧାର କାର୍ଯ୍ୟରେ ସାମିଲ କରିବାକୁ ଦାବି କରିଛନ୍ତି। ଦାବିପତ୍ର ଦେବା ସମୟରେ ସୁନିତା ସାହୁ, ଦିକାଶ କୁମାରୀ ସାହୁ, ନୂତନ ସାହୁ, କାନ୍ତି ସାହୁ, କିରଣ ପଟେଲ, ଖେମବାଇ ସାହୁ, ପ୍ରେମଲତା ତାଣ୍ଡି, ଦମୟନ୍ତି ସାହୁ, ନେହା ସାହୁ, ରାଜେଶ୍ୱରୀ ସାହୁ, ମେମବାଇ ସାହୁ, ସୁଭଦ୍ରା ସାହୁ, ଗାୟତ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବା ପାଇଁ ଆସିଥିବା ମହିଳା।

**ଜମଟାଙ୍ଗୀ ଗ୍ରାମରେ ବଜ୍ରପାତରେ ୩ ଗୋରୁ ମୃତ**

ବାଉଁଶୁଣୀ,(ଦେବାଶିଷ ନେପାକ): ବୌଦ୍ଧ ବ୍ଲକ ମନମୁଣ୍ଡା ଥାନା ଅନ୍ତର୍ଗତ ଜମଟାଙ୍ଗୀ ଗ୍ରାମରେ ବୁଧବାର ବଜ୍ରପାତରେ ୩ଟି ଗୋରୁର ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ଜମଟାଙ୍ଗୀ ଅଞ୍ଚଳରେ ଘଡ଼ଘଡ଼ି , ବିଜୁଳି ସହ ବର୍ଷା ହୋଇଥିଲା। ଫଳରେ ଗ୍ରାମର ସୁଧୀର ବାଘଙ୍କ ୨ ଗୋଟି ଓ ସୁରେନ୍ଦ୍ର ଦନାୟକଙ୍କ ଗୋଟିଏ ଗୋରୁ ବଜ୍ରପାତର ଶିକାର ହୋଇ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ତଦନ୍ତ କରି ଗରିବ ଗୋପାଳକମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ବୌଦ୍ଧରେ ଭକ୍ତଙ୍କୁ ମିଳିବନି ନବଯୌବନ ଦର୍ଶନ


ରଥଯାତ୍ରା ନେଇ ମନ୍ଦିର ପରିଚାଳନା କମିଟି ବୈଠକରେ ସଦସ୍ୟ।

ବୌଦ୍ଧ,୨୬।୬ (ଅଜିତ କୁମାର ବାରିକ)

**ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ**

ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ନାନଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଥିବାବେଳେ ଠାକୁରଙ୍କ ରଥଯାତ୍ରାର ନିତିକାନ୍ତି କିପରି ଶୃଙ୍ଖଳିତ ଭାବରେ ହୋଇପାରିବ ଆଲୋଚନା କରାଯାଇଥିଲା। ଚଳିତବର୍ଷ ଠାକୁରଙ୍କ ନେତ୍ରଉତ୍ସବ, ନବଯୌବନ ଦର୍ଶନ ଓ ରଥଯାତ୍ରା ଗୋଟିଏ ଦିନରେ ପଡୁଥିବାରୁ ସମସ୍ତ ନିତିକାନ୍ତି କିପରି ଶୃଙ୍ଖଳିତ ହୋଇପାରିବ ଗୁରୁତ୍ୱ ଦିଆଯାଇଥିଲା। ତେଣୁ ସର୍ବସାଧାରଣଙ୍କ ପାଇଁ ନବଯୌବନ ଦର୍ଶନ ବନ୍ଦ କରାଯିବାକୁ ପରିଚାଳନା କମିଟି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା। ରଥଯାତ୍ରା ସକାଳୁ ଠାକୁରମାନଙ୍କ ନେତ୍ରଉତ୍ସବ ପରେ ତିନିଠାକୁରଙ୍କ ପହଣ୍ଡିବିଜେ ପାଇଁ ବେଶକାରୀମାନଙ୍କ ଦ୍ୱାରା ସେନାପଟା ଲାଗି କରାଯିବ। ଠାକୁରମାନଙ୍କ ପହଣ୍ଡି ବିଜେ ଦିନ ଅମୃତବେଳା ଦିନ ୧୨ ଘଣ୍ଟା ପରେ ଆରମ୍ଭ ହେବାକୁ ସ୍ଥିର କରାଯାଇଥିବାବେଳେ ଏନେଇ ପହଣ୍ଡିଆ ସେବକମାନଙ୍କୁ ସୂଚନା ଦେବାକୁ ବ୍ରାହ୍ମଣ ସମାଜ କାର୍ଯ୍ୟକର୍ତ୍ତାଙ୍କୁ ନିବେଦନ କରାଯାଇଥିଲା। ସେହିପରି ଜିଲା ପ୍ରଶାସନ ଦେବତ୍ତୋର ବିଭାଗ ପକ୍ଷରୁ ଠିକ ସମୟରେ ସଂକୀର୍ତ୍ତନ ଦଳ ଓ ତିନିଠାକୁରଙ୍କ ଟାହ୍ୟା ପହଞ୍ଚାଇବାକୁ ସୂଚନା ଦେବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ସନ୍ଧ୍ୟା ପୂର୍ବରୁ ତିନି ଠାକୁରଙ୍କୁ ରଥାରୁଢ କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯିବା ସହିତ ରଥାରୁଢ ଠାକୁରଙ୍କ ନିକଟରେ ରଥଛୁଆଁ ପରମ୍ପରା ପାଇଁ କିଛି ସମୟ ପ୍ରଦାନ କରିବା ପରେ ଛେରାପହଁରା ଓ ରଥଟଣା ଆରମ୍ଭ କରାଯିବାକୁ ଆଲୋଚନା କରାଯାଇଥିଲା। ଏହାବ୍ୟତୀତ ଠାକୁରମାନଙ୍କ ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ ସମୟରେ ନିତିକାନ୍ତି ଉପରେ ଆଲୋଚନା କରାଯାଇଥିଲା। ପ୍ରତିଦିନ ବ୍ରାହ୍ମଣସେବକମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା, ଭୋଗମଣ୍ଡପ ପରିଚାଳନା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇ ସଦସ୍ୟମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପ୍ରତିବର୍ଷ ପରି ଯାତ୍ରା ପୂର୍ବରୁ ମନ୍ଦିର ରଙ୍ଗ କରାଯିବା ପାଇଁ ଜିଲା ପ୍ରଶାସନକୁ ନିବେଦନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହାବ୍ୟତୀତ ମନ୍ଦିର ମଧ୍ୟରେ ବର୍ଷତମାମ ଭକ୍ତମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ସୃଷ୍ଟି କରାଯିବା ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ମନ୍ଦିର ପରିସର ସଫେଇ, ଦୁଇଟି ଗେଟ୍‌ରେ ଗ୍ରୀଲଗେଟ ଲଗାଇବା, ମନ୍ଦିର ବେଢାରେ ଥିବା ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିରରୁ ପ୍ରତିଦିନ ବାହାରୁଥିବା ବର୍ଜ୍ୟ ସାମଗ୍ରୀ ଏଣେତେଣେ ନ ପକାଇବାକୁ ଡଷ୍ଟବିନ ବ୍ୟବସ୍ଥା ଆଦି ପରିଚାଳନା କମିଟି ପକ୍ଷରୁ କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା। ଆଲୋଚନାରେ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ଶେଷରେ ଶମ୍ଭୁ ପ୍ରସାଦ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ସୂଚନା ଅଧିକାରରେ ତଥ୍ୟ ମାଗିଲେ ଦେଉନାହାନ୍ତି ଅଧିକାରୀ

ବୌଦ୍ଧ,୨୬।୬(ଅଜିତ କୁମାର ବାରିକ)

**ଜିଲାପାଳଙ୍କ ପାଖରେ ଅଭିଯୋଗ କଲେ ଆବେଦନକାରୀ**

ବୌଦ୍ଧ ଜିଲା ପୂର୍ତ୍ତବିଭାଗରେ ସୂଚନା ଅଧିକାର ନିୟମରେ ତଥ୍ୟ ମାଗିଲେ ଅଧିକାରୀ ତଥ୍ୟ ଦେଉ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଶଙ୍କୁଲୋଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ବେହେରା ଗତ ୨।୩।୨୪ରେ ବୌଦ୍ଧ ପୂର୍ତ୍ତବିଭାଗର ଜନସୂଚନା ଅଧିକାରୀଙ୍କ ନିକଟରେ ସୂଚନା ଅଧିକାର ନିୟମ ଅନୁଯାୟୀ ସୂଚନା ପାଇବା ପାଇଁ ଦାଖଲ କରିଥିଲେ। ସେ ବିଭାଗକୁ କେଉଁ କେଉଁ ପାଣ୍ଠିରୁ ଅନୁଦାନ ଆସୁଛି। ଚାରିଛକଠାରୁ ହରଭଙ୍ଗା, ଟିକପରପଡା ରାସ୍ତାରେ କେଉଁ କେଉଁ ସ୍ଥାନରେ ଗାଡୱାଲ, କଲଭର୍ଟ ଓ ପିଚୁ ହୋଇଛି, କୋଠାବାଡି କେଉଁ କେଉଁ ସ୍ଥାନରେ ହୋଇଛି ଆଦି ବିଭିନ୍ନ କାମ ନେଇ ସୂଚନା ମାଗିଥିଲେ। କିନ୍ତୁ ବିଭାଗ ପକ୍ଷରୁ ସୂଚନା ଦେବା ବିଳମ୍ବ ହେତୁ ଗତ ୨୩।୪।୨୪ରେ ଜିଲାପାଳଙ୍କ ନିକଟରେ ତଥ୍ୟ ଦେଉ ନ ଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୧।୫।୨୪ରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ସୂଚନା ନ ପାଇବାରୁ ପୁଣି ଗତ ୨୪।୫।୨୪ରେ ଆବେଦନକାରୀ ବେହେରା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସୂଚନା ତ ଦେବା ଦୂରର କଥା, କୁଆଡେ ବିଭାଗୀୟ ଯନ୍ତ୍ରୀ ଧମ୍‌କଚମକ ଦେଉଥିବା ନେଇ ବେହେରା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଣି ଜିଲାପାଳଙ୍କ କାର୍ଯ୍ୟାଳୟରୁ ତଦନ୍ତ କରି ପଦକ୍ଷେପ ନେବାକୁ ଗତ ୭।୬।୨୪ରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଡିଏସ୍‌ପି ଭାବେ ଲୋକନାଥଙ୍କ ପଦୋନ୍ନତି

ସୋନପୁର,୨୬।୬(ମୃତ୍ୟୁଞ୍ଜୟ ଶତପଥୀ)

**ରମେଶ ସୋନପୁର ଆଇଆଇସି**


ଲୋକନାଥ ସାହୁ।


ରମେଶ ମହାନା।

ସୋନପୁର ଆଇଆଇସି ଲୋକନାଥ ସାହୁଙ୍କୁ ଡିଏସ୍‌ପି (ଉପ ଆରକ୍ଷୀ ଅଧୀକ୍ଷକ) ଭାବେ ପଦୋନ୍ନତି ମିଳିଛି। ତାଙ୍କୁ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ସାହୁ ସୋନପୁର ଥାନାରେ ଯୋଗଦେବା ପରେ ଗଞ୍ଜେଇ ଚୋରାଚାଲାଣକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ତାଙ୍କ ନେତୃତ୍ୱରେ ପୋଲିସ ଟିମ୍ ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିଥିଲା। ସେହିପରି ଏସ୍‌ପି ଯଶପ୍ରତାପ ଶ୍ରୀମାଲଙ୍କ ନିର୍ଦ୍ଦେଶରେ ସେ ଜୁଆ ଓ ସଟ୍ଟା ଖେଳକୁ ବନ୍ଦ କରି ପ୍ରଶଂସା ସାଉଁଟିଥିଲେ। ଅନ୍ୟପକ୍ଷେ ଜିଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ଇନ୍ସପେକ୍ଟର ରମେଶ କୁମାର ମହାନା ବୁଧବାର ସନ୍ଧ୍ୟାରେ ସୋନପୁରର ନୂତନ ଆଇଆଇସି ଭାବେ ଯୋଗଦାନ କରିଛନ୍ତି। ସେ ବିଦାୟୀ ଆଇଆଇସି ସାହୁଙ୍କ ନିକଟରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂଆ ଆଇଆଇସି ମାହାନାଙ୍କର କମିଶନରେଟ ପୋଲିସ, ଦେବଗଡ, ଅନୁଗୋଳ ଓ ସୁନ୍ଦରଗଡ ଜିଲାର ବିଭିନ୍ନ ଥାନାରେ କାମ କରିବାର ଅଭିଜ୍ଞତା ରହିଛି। ଥାନା ଅଞ୍ଚଳରେ ପୋଲିସ ପାଟ୍ରୋଲିଂକୁ କଡାକଡି କରିବା ସହ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରାଥମିକତା ଦେବେ ବୋଲି ମାହାନା କହିଛନ୍ତି।

# ରଥପୁର ଯାତ୍ରୀ ବିଶ୍ରାମାଗାର ବିପଦସଙ୍କୁଳ


ବିପଦସଙ୍କୁଳ ରଥପୁର ଯାତ୍ରୀ ବିଶ୍ରାମାଗାର।

ଅମରପାଲି,୨୬।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ରଥପୁର ଛକ ନିକଟରେ ଥିବା ଯାତ୍ରୀ ବିଶ୍ରାମାଗାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହା ବହୁବର୍ଷ ହେଲା ନିର୍ମାଣ କରାଯାଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଛି। ଜନସାଧାରଣ ବିଭିନ୍ନ ସ୍ଥାନକୁ ବସ୍ ଯୋଗେ ଯିବାପାଇଁ ଏଠାରେ ଖରା ଓ ବର୍ଷା ସମୟରେ ଅପେକ୍ଷା କରିଥାନ୍ତି। ହେଲେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାରୁ ଅପେକ୍ଷା କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଚାରିପଟ କାନ୍ଥ ଫାଟି ଆଁ କରିଛି। ଛାତରୁ ଖଣ୍ଡଖଣ୍ଡ ହୋଇ ସିମେଣ୍ଟ ଅତଡା ଖସି ପଡିବା ସହ ବିଶ୍ରାମାଗାର ଅବସ୍ଥା ଶୋଚନୀୟ ହୋଇପଡିଛି। ସାମାନ୍ୟ ବର୍ଷା ହେଲେ ପାଣି ଗଳୁଛି। ଫଳରେ ଯାତ୍ରୀମାନେ ଆଶ୍ରୟ ନେବାପାଇଁ ଭିତରକୁ ଯିବାକୁ ନିରାପଦ ମଣୁନାହାନ୍ତି। ଯେ କୌଣସି ମୁହୂର୍ତ୍ତରେ ଏହାର କାନ୍ଥ ଓ ଛାତ ଭାଙ୍ଗିଯିବାର ଆଶଙ୍କା ଦେଖାଦେଇଛି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ରଥପୁର ସମେତ ଯାଲୋଏ, କଲାପଥର, ପଣ୍ଡାପାଲି ଓ ଆଖପାଖ ଗ୍ରାମର ଲୋକେ ଏହି ଛକରୁ ଭୁବନେଶ୍ୱର, ବଲାଙ୍ଗୀର, ସମ୍ବଲପୁର, କଟକ, ରେଢ଼ାଖୋଲ, ଅନୁଗୋଳ ଆଦି ସ୍ଥାନକୁ ବସ୍ ଯୋଗେ ଯିବାକୁ ଏଠାରେ ଅପେକ୍ଷା କରିଥାନ୍ତି। ଏଠାରେ ଉପକାରାଗାର ତଥା ବିଭିନ୍ନ ସ୍କୁଲ ଓ କଲେଜ ରହିଥିବାରୁ ଏହି ଛକ ଉପରେ ଲୋକମାନେ ନିର୍ଭର କରିଥାନ୍ତି। ବିପଦସଙ୍କୁଳ ବିଶ୍ରାମାଗାରଟିକୁ ନୂତନ ଭାବରେ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଛନ୍ତି। ଜିଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ବିଦ୍ୟାଳୟ ଖେଳପଡ଼ିଆରୁ ଜବରଦଖଲ ଉଚ୍ଛେଦ ଦାବି**

ବାଉଁଶୁଣୀ,୨୬।୬(ଦେବାଶିଷ ନେପାକ)

ବୌଦ୍ଧ ତହସିଲ ବାଉଁଶୁଣୀ ରାଜସ୍ୱ ସର୍କଲର ସୀତାପୁର ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ଖେଳପଡିଆରୁ ଜବରଦଖଲ ଉଚ୍ଛେଦ ଦାବିରେ ବୁଧବାର ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀ ଜିଲାପାଳଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ ସୀତାପୁର ମୌଜାର ଖାତା ନଂ. ୩୩ର ପ୍ଲଟ ନଂ. ୩୫ ରେ ଖେଳ ପଡିଆ କିସମରେ ୬୭ ଡେସିମିଲ ଜମି ରହିଛି। ସେହିପରି ଖାତା ନଂ. ୩୦ର ପ୍ଲଟ ନଂ. ୪୮ ରେ ପତିତ କିସମରେ ୫ ଏକର ୧୫ ଡେସିମିଲ ଜମି ରହିଛି। ଖେଳ ପଡ଼ିଆ ଉନ୍ନତିକରଣ ଓ ପତିତ ଜମିରେ ବୃକ୍ଷରୋପଣ ପାଇଁ ସରକାରୀ ଅନୁଦାନ ଆସିଥିବା ସତ୍ତ୍ୱେ ଜବରଦଖଲ ଯୋଗୁଁ ଅନୁଦାନ ବିନିଯୋଗ ହୋଇ ପାରୁ ନ ଥିବା ଅଭିଯୋଗ କରିଛନ୍ତି। ସେଥିପାଇଁ ଉକ୍ତ ଜମିରୁ ଜବରଦଖଲ ଉଚ୍ଛେଦ କରାଯିବାକୁ ଦାବି କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟର ଅଧୀକ୍ଷକ ଭିକାରୀ ଝାଙ୍କରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ସମସ୍ତ ଉନ୍ନୟନ କାର୍ଯ୍ୟ ସ୍ୱଚ୍ଛତାର ସହ କରାଯିବ


ସମୀକ୍ଷା ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

ଅମରପାଲି,୨୬।୬(ପୀତାମ୍ବର ସାହୁ)

**ବୀରମହାରାଜପୁର ପଞ୍ଚାୟତ ସମିତିର ସମୀକ୍ଷା ବୈଠକ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ବୁଧବାର ପଞ୍ଚାୟତ ସମିତିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଇଂ. ରଘୁନାଥ ଜଗଦଲା ଯୋଗଦେଇ ବିଭିନ୍ନ ବିଭାଗ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ନବ ନିର୍ବାଚିତ ବିଧାୟକଙ୍କୁ ବ୍ଲକ ତରଫରୁ ସ୍ୱାଗତ କରାଯାଇଥିଲା। ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଖାଦ୍ୟ ଓ ଯୋଗାଣ, ମତ୍ସ୍ୟ ପଶୁପାଳନ, କୃଷି, ଜଙ୍ଗଲ ଆଦି ବିଭାଗ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ତହସିଲଦାର ପୁନମ ମହାପାତ୍ର, ବିଡ଼ିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ଏବିଡିଓ ପୁରୁଷୋତ୍ତମ ଧରୁଆ, ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ପାଲୋଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ କୌଣସି ବିଭାଗରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିବା ସହିତ ସମସ୍ତ ଉନ୍ନୟନ କାର୍ଯ୍ୟ ସ୍ୱଚ୍ଛତାର ସହିତ କରାଯିବ ବୋଲି ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ନିଶା ସେବନ ଓ ନିଶାଦ୍ରବ୍ୟର ଅବୈଧ ଚାଲାଣ ନିରାକରଣ ଦିବସ ପାଳିତ


ଅତିଥିମାନଙ୍କ ଦ୍ୱାରା ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ବୌଦ୍ଧ, ୨୬।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଟାଉନହଲଠାରେ ଅନ୍ତର୍ଜାତୀୟ ନିଶା ସେବନ ଓ ନିଶା ଦ୍ରବ୍ୟର ଅବୈଧ ଚାଲାଣ ନିରାକରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଏକ ସଚେତନତା ରାଲି ଜିଲା ସଂଗ୍ରହାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ରାଲି ଟାଉନହଲ ଠାରେ ପହଞ୍ଚିବା ପରେ ସେଠାରେ ଏକ ସଭା ହୋଇଥିଲା। ସଭାରେ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଜୟକୃଷ୍ଣ ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିସାନ, ରେଡକ୍ରସ ସଂଯୋଜକ ଅଧ୍ୟାପକ ପ୍ରବୀର ଦାସ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶିବ ପ୍ରସାଦ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଶ୍ୱିନ ପାଣ୍ଡେ ଯୋଗ ଦେଇଥିଲେ। ଅତିଥିମାନେ ଆଜିର ଦିବସର ତାତ୍ପର୍ଯ୍ୟ ଉପରେ ମତବ୍ୟକ୍ତ କରିବା ଓ ଯୁବପିଢି ନିଶାଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯାଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ଏକ ୱାର୍କଶପ କରାଯାଇଥିଲା। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ବିଶି ଧନ୍ୟବାଦ ପ୍ରଦାନ କରିଥିଲେ।

# ହଟିନି ୫-ଟି ବୋର୍ଡ, ପୂର୍ବ ସରକାରଙ୍କ ସଫଳତା ହୋର୍ଡିଂ

ସୋନପୁର,୨୬।୬(ମୃତ୍ୟୁଞ୍ଜୟ ଶତପଥୀ)

**ନୂଆ ସରକାର ଗଠନର ୧୪ଦିନ ବିତିଲା**



ସୋନପୁର ବ୍ଲକ ଅଫିସ କାନ୍ଥରେ ଥିବା ମୋ ସରକାର, ୫-ଟି ବୋର୍ଡ।

ଓଡ଼ିଶାରେ ନୂଆ ସରକାର ଗଠନ ହୋଇଛି। ୨୪ବର୍ଷର ବିଜେଡି ସରକାରକୁ ହଟାଇ ଭାଜପା ରାଜ୍ୟରେ ପ୍ରଥମଥର ପାଇଁ ସରକାର ଗଠନ କରିଛି। ଶାସନକୁ ଆସିବା କ୍ଷଣି ଭାଜପା ସରକାର ହାଇସ୍କୁଲରୁ ୫-ଟି ବୋର୍ଡ ହଟାଇ ଦେଇଛନ୍ତି। ରାଜ୍ୟରେ ଶାସନ କ୍ଷମତାରେ ଥିବା ବେଳେ ବିଜେଡି ସରକାର ୫-ଟି ଅଧୀନରେ ଓଡିଶାର ପ୍ରାୟ ସମସ୍ତ କାର୍ଯ୍ୟକ୍ରମ କରୁଥିଲା। ସ୍କୁଲ, କଲେଜଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ୫-ଟିର ବହୁଳ ପ୍ରଚାର ପ୍ରସାର କରା ଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଅନ୍ୟ ସମସ୍ତ ସରକାରୀ କାର୍ଯ୍ୟାଳୟର ପ୍ରମୁଖ ସ୍ଥାନରେ ୫-ଟି ବୋର୍ଡ ଲାଗିଥିଲା। ତେବେ ସରକାରୀ କାର୍ଯ୍ୟାଳୟରୁ ୫-ଟି ଚାର୍ଟର ବୋର୍ଡ ହଟାଇବାକୁ ନିର୍ଦ୍ଦେଶ ଆସିଛି। ନୂଆ ସରକାର ଗଠନ ହେବାର ଇତିମଧ୍ୟରେ ୧୪ଦିନ ବିତିଗଲାଣି। କିନ୍ତୁ ଜିଲାର ବିଭିନ୍ନ ଅଞ୍ଚଳରୁ ୫-ଟି ଓ ପୂର୍ବ ସରକାରଙ୍କ ବିଜ୍ଞାପନ ବୋର୍ଡ ହଟୁ ନାହିଁ। ଶାସକ ଦଳ ଭାଜପା ପକ୍ଷରୁ ଏ ନେଇ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ସୂଚନା ମିଳିଛି।

ଜିଲାର ଅନେକ ସ୍ଥାନରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସହ ସରକାରୀ ସଫଳତା, ବିଭିନ୍ନ ଯୋଜନା ସମ୍ପର୍କିତ ବୋର୍ଡ ଓ ହୋର୍ଡିଂ ଏଯାଏ ଝୁଲୁଛି। ବିନିକା-ଡୁଙ୍ଗୁରିପାଲି ରାସ୍ତାରେ ଏଭଳି ହୋର୍ଡିଂ ଏବେ ବି ଲାଗିଛି। ସରକାରୀ ଅଫିସ, ରାସ୍ତା, ଶିକ୍ଷାନୁଷ୍ଠାନ ଗୁଡିକରେ ପୂର୍ବ ସରକାରଙ୍କ ପ୍ରଚାର ବୋର୍ଡ ଓ ହୋର୍ଡିଂ ଶୋଭା ପାଉଛି। ସୋନପୁର ବ୍ଲକ କାନ୍ଥରେ ନବୀନ ପଟ୍ଟନାୟକ, ୫-ଟି ଓ ମୋ ସରକାର ସମ୍ପର୍କିତ ଲେଖା ପୂର୍ବଭଳି ରହିଛି। ଏ ସମ୍ପର୍କରେ ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ କହିଛନ୍ତି, ସରକାରୀ ନିର୍ଦ୍ଦେଶ ଆସିବା ପରେ ପୂର୍ବରୁ ଥିବା ହୋର୍ଡିଂକୁ ହଟାଇ ଦିଆଯାଇଛି। ଭୁଲରେ ଅଳ୍ପକିଛି ଲେଖା କାନ୍ଥରେ ରହିଛି, ସେଗୁଡିକୁ ଖୁବ୍‌ଶୀଘ୍ର ଲିଭାଇ ଦିଆଯିବ।

## ସଂକ୍ଷେପରେ

### ଲୁଟ୍ ବାଇକ ଉଦ୍ଧାର, ଅଭିଯୁକ୍ତ ଗିରଫ

ରେଢାଖୋଲ,୨୬।୬(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ରେଳଷ୍ଟେଶନ ନିକଟ ପୁରୁଣାଗଡ ଛକରୁ ଗତ ମାର୍ଚ୍ଚ ୨୦ ତାରିଖ ସନ୍ଧ୍ୟାରେ କାଙ୍କଣପଡା ଗ୍ରାମର ରିଙ୍କୁ ସେଠୀଙ୍କ ଲୁଟ୍ ବାଇକକୁ ପୋଲିସ ଜବତ କରିଛି। ଏହି ଘଟଣାରେ ଲୁଟେରାଙ୍କୁ ବୁଧବାର ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ରେଢାଖୋଲ ଥାନା ଲଇଣ୍ଡାମାଳ ଗ୍ରାମର ରିତୁ ପ୍ରଧାନ। ଉକ୍ତ ଦିନ ରିଙ୍କୁ ସେଠୀ ତାଙ୍କ ବାଇକ(ଓଡି-୧୫-୨୬୬୮)ଯୋଗେ ଯାଉଥିବା ବେଳେ ଗିରଫ ଅଭିଯୁକ୍ତଙ୍କ ସହ ଅନ୍ୟଜଣେ ଲିଫ୍ଟ ମାଗି ତାଙ୍କ ସହିତ ଯାଇଥିଲେ। ରେଳଷ୍ଟେଶନ ନିକଟ ପୁରୁଣାଗଡ ଛକରେ ଥିବା ଅମ୍ବ ବଗିଚାକୁ ନେଇ ମାରଣାସ୍ତ୍ର ଦେଖାଇ ତାଙ୍କ ବାଇକ, ମୋବାଇଲ ଓ ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ରିଙ୍କୁ ରେଢାଖୋଲ ଥାନାରେ ଅଭିଯୋଗ କରିଥିଲେ।

### କିରାନା ଦୋକାନରୁ ଚୋରି, ୨ ଗିରଫ

ରେଢାଖୋଲ,୨୬।୬(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ସହର କୁରୁମଟିକିରା ସାହିର ଏକ କିରାନା ଦୋକାନରୁ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁରୁମଟିକିରା ସାହିର ପିଙ୍କୁ ସାହୁ ଓ ଅନୁଗୋଳ ଜିଲା ବଡକେରାର ସନ୍ତୋଷ ପୃଷ୍ଟି। ଦୋକାନ ମାଲିକ ଦିବ୍ୟରଞ୍ଜନ ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଦୋକାନରୁ କିରାନା ସାମଗ୍ରୀ ସହ ନଗଦ ଟଙ୍କା ଚୋରି ହୋଇଥିଲା। ଗିରଫ ପିଙ୍କୁ ଚୋରି କରି ବଡକେରାର ସନ୍ତୋଷଙ୍କୁ ବିକ୍ରି କରିଥିଲେ। ପୋଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଚୋରି କିରାନା ସାମଗ୍ରୀ ଓ ନଗଦ ୧୯ ହଜାର ଟଙ୍କା ଜବତ କରିଥିବା ପୋଲିସ କହିଛି।

### ୱେଲଡିଂ ମେଶିନ ଚୋରି, ଅଭିଯୁକ୍ତ ଗିରଫ

କୁଚିଣ୍ଡା,୨୬।୬(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜଲା ମହୁଲପାଲି ଥାନା ଗୋଛରା ଗ୍ରାମରୁ ୱେଲଡିଂ ମେଶିନ ଚୋରି ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଥାନା ଅନ୍ତର୍ଗତ ଲଇଗୁରା ଗ୍ରାମର ଗିରିଧାରୀ କିଷାନ(୨୬)। ଏ ନେଇ ତାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗୋଛରା ଗ୍ରାମର ରାଜକିଶୋର ଦେଓଙ୍କ ଜନକଡିହି ବଗିଚା ସମ୍ମୁଖରେ ଥିବା ଏକ ପିଷ୍ଟର୍ନ କମ୍ପାନୀର ୱେଲଡିଂ ମେଶିନକୁ ମଙ୍ଗଳବାର ରାତିରେ କେହି ଚୋରି କରି ନେଇଥିଲେ। ବଗିଚା ଜଗୁଆଳୀଙ୍କଠାରୁ ଖବର ପାଇ ରାଜକିଶୋର ଏ ନେଇ ବୁଧବାର ମହୁଲପାଲି ଥାନାରେ ଏତଲା ଦେଇଥିଲେ। ପୋଲିସ ଏହାର ତଦନ୍ତ କରି ଚୋରି ୱେଲଡିଂ ମେଶିନକୁ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ କରିଥିଲେ ହତ୍ୟା

ସମ୍ବଲପୁର,୨୬।୬(ପ୍ରମୋଦ ବହିଦାର)

**ନିଶାମଣୀ ବୁଦ୍ଧିଆ ହତ୍ୟାକାଣ୍ଡର ପର୍ଦ୍ଦାଫାଶ**

- ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ
- ପ୍ରେମିକ ସହିତ ଗିରଫ ହୋଇ ଜେଲଗଲେ

ସମ୍ବଲପୁର ଜିଲା ରେଙ୍ଗାଲି ଥାନା କୁଡ଼ାପଡ଼ାଠାରେ ଗତ ୨୫ ତାରିଖରେ ସଂଘଟିତ ନିଶାମଣୀ ବୁଦ୍ଧିଆ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପୋଲିସ। ହତ୍ୟା ଷଡ଼ଯନ୍ତ୍ର କରିଥିବା ସ୍ତ୍ରୀ ସୁକାନ୍ତି ବଦ୍ଧିଆ(୩୬) ଓ ତାଙ୍କ ପ୍ରେମିକ ଚନ୍ଦାମାଲର ମୀନକେତନ ନାଏକ(୩୨)ଙ୍କୁ ଗିରଫ କରିଛି।

ସୂଚନା ଅନୁସାରେ ମୃତ ନିଶାମଣୀ ବୁଦ୍ଧିଆ ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜିରେ କାର୍ଯ୍ୟ କରୁଥିଲେ। ସେ ଗତ ୨୪ତରିଖରେ ସବୁଦିନ ଭଳି ସିଫ୍ଟ ଡିୟୁଟ ଯାଇ ଆଉ ଘରକୁ ଫେର ନ ଥିଲେ। ତାପରଦିନ ପୁଡ଼ାପଡ଼ାରେ ଏକ କଲଭର୍ଟ ନିକଟରେ ମୃତଦେହ ଦେଖିବାକୁ ମିଳିଥିଲା। ସୁକାନ୍ତି ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆଗକୁ ବଢାଇଥିଲା। ପରିବର୍ତ୍ତୀ କାଳରେ ପୋଲିସ ସାଇବର ସେଲ ତଥା ବିଭିନ୍ନ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ହତ୍ୟାକାରୀ ମୀନକେତନ ନାଏକଙ୍କୁ ଶ୍ୟାମ ମେଟାଲିକ୍ସ ପରିସରରୁ ଗିରଫ କରିଥିଲା। ଥାନାକୁ ଆଣି ପଚରାଉଚରା ପରେ ସେ ନିଶାମଣୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ମୃତକଙ୍କ ସ୍ତ୍ରୀ ସୁକାନ୍ତିଙ୍କ ସହତ ତାଙ୍କର ପ୍ରେମ ସମ୍ପର୍କ ଥିଲା। ନିଶାମଣୀ ଜାଣିଲା ପରେ ସମ୍ପର୍କରେ ବାଧା ସୃଷ୍ଟି ହୋଇଥିଲା। ତେଣୁ ସୁକାନ୍ତିଙ୍କ ସହ ମିଶି ନିଶାମାଣୀଙ୍କୁ ବାଟରୁ ହଟାଇବା ପାଇଁ ସେ ଷଡ଼ଯନ୍ତ୍ର ରଚିଥିଲେ ବୋଲି ସ୍ୱୀକାର କରିଥିବା ପୋଲିସ କହିଛି। ଏହାକୁ ନେଇ ରେଙ୍ଗାଲି ଥାନାରେ ଦଫା ୩୦୨ରେ ଏକ ମାମଲା(୧୨୨/୨୪)ରୁଜୁକରି ପୋଲିସ ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ରେଙ୍ଗାଲି ଥାନା ଅନ୍ତର୍ଗତ ପୁରୁଣାଖିଣ୍ଡା ଗ୍ରାମର ମୂଳ ବାସିନ୍ଦା ନିଶାମଣୀ ଗତ ୫ ହେବ ରାମଚନ୍ଦ୍ର ନଗରରେ ଏକ ଭଡ଼ାଘରେ ସ୍ତ୍ରୀଙ୍କ ସହ ରହୁଥିଲେ।



ଅଭିଯୁକ୍ତ ମୀନକେତନ ନାଏକ।

# ହଟିନି ୫-ଟି ବୋର୍ଡ, ପୂର୍ବ ସରକାରଙ୍କ ସଫଳତା ହୋର୍ଡିଂ




ସୋନପୁର ବ୍ଲକ ଅଫିସ କାନ୍ଥରେ ଥିବା ମୋ ସରକାର, ୫-ଟି ବୋର୍ଡ।

ସୋନପୁର,୨୬।୬(ମୃତ୍ୟୁଞ୍ଜୟ ଶତପଥୀ)

**ନୂଆ ସରକାର ଗଠନର ୧୪ଦିନ ବିତିଲା**

ଓଡ଼ିଶାରେ ନୂଆ ସରକାର ଗଠନ ହୋଇଛି। ୨୪ବର୍ଷର ବିଜେଡି ସରକାରକୁ ହଟାଇ ଭାଜପା ରାଜ୍ୟରେ ପ୍ରଥମଥର ପାଇଁ ସରକାର ଗଠନ କରିଛି। ଶାସନକୁ ଆସିବା କ୍ଷଣି ଭାଜପା ସରକାର ହାଇସ୍କୁଲରୁ ୫-ଟି ବୋର୍ଡ ହଟାଇ ଦେଇଛନ୍ତି। ରାଜ୍ୟରେ ଶାସନ କ୍ଷମତାରେ ଥିବା ବେଳେ ବିଜେଡି ସରକାର ୫-ଟି ଅଧୀନରେ ଓଡିଶାର ପ୍ରାୟ ସମସ୍ତ କାର୍ଯ୍ୟକ୍ରମ କରୁଥିଲା। ସ୍କୁଲ, କଲେଜଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ୫-ଟିର ବହୁଳ ପ୍ରଚାର ପ୍ରସାର କରାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଅନ୍ୟ ସମସ୍ତ ସରକାରୀ କାର୍ଯ୍ୟାଳୟର ପ୍ରମୁଖ ସ୍ଥାନରେ ୫-ଟି ବୋର୍ଡ ଲାଗିଥିଲା। ତେବେ ସରକାରୀ କାର୍ଯ୍ୟାଳୟରୁ ୫-ଟି ଚାର୍ଟର ବୋର୍ଡ ହଟାଇବାକୁ ନିର୍ଦ୍ଦେଶ ଆସିଛି। ନୂଆ ସରକାର ଗଠନ ହେବାର ଇତିମଧ୍ୟରେ ୧୪ଦିନ ବିତିଗଲାଣି। କିନ୍ତୁ ଜିଲାର ବିଭିନ୍ନ ଅଞ୍ଚଳରୁ ୫-ଟି ଓ ପୂର୍ବ ସରକାରଙ୍କ ବିଜ୍ଞାପନ ବୋର୍ଡ ହଟୁ ନାହିଁ। ଶାସକ ଦଳ ଭାଜପା ପକ୍ଷରୁ ଏ ନେଇ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ସୂଚନା ମିଳିଛି।

ଜିଲାର ଅନେକ ସ୍ଥାନରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସହ ସରକାରୀ ସଫଳତା, ବିଭିନ୍ନ ଯୋଜନା ସମ୍ପର୍କିତ ବୋର୍ଡ ଓ ହୋର୍ଡିଂ ଏଯାଏ ଝୁଲୁଛି। ବିନିକା-ଡୁଙ୍ଗୁରିପାଲି ରାସ୍ତାରେ ଏଭଳି ହୋର୍ଡିଂ ଏବେ ବି ଲାଗିଛି। ସରକାରୀ ଅଫିସ, ରାସ୍ତା, ଶିକ୍ଷାନୁଷ୍ଠାନ ଗୁଡିକରେ ପୂର୍ବ ସରକାରଙ୍କ ପ୍ରଚାର ବୋର୍ଡ ଓ ହୋର୍ଡିଂ ଶୋଭା ପାଉଛି। ସୋନପୁର ବ୍ଲକ କାନ୍ଥରେ ନବୀନ ପଟ୍ଟନାୟକ, ୫-ଟି ଓ ମୋ ସରକାର ସମ୍ପର୍କିତ ଲେଖା ପୂର୍ବଭଳି ରହିଛି। ଏ ସମ୍ପର୍କରେ ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ କହିଛନ୍ତି, ସରକାରୀ ନିର୍ଦ୍ଦେଶ ଆସିବା ପରେ ପୂର୍ବରୁ ଥିବା ହୋର୍ଡିଂକୁ ହଟାଇ ଦିଆଯାଇଛି। ଭୁଲରେ ଅଳ୍ପକିଛି ଲେଖା କାନ୍ଥରେ ରହିଛି, ସେଗୁଡିକୁ ଖୁବ୍‌ଶୀଘ୍ର ଲିଭାଇ ଦିଆଯିବ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସପ୍ତାହ



ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ସପ୍ତାହ ଉପଲକ୍ଷେ ମକ୍‌ଡ୍ରିଲ।

ସମ୍ବଲପୁର,୨୬।୬(ବି.ଶଙ୍କର)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅର୍ନ୍ତଗତ ପାଞ୍ଚଫୁଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ସପ୍ତାହ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟ ପରିସର ସଫାସୁତୁରା, ସମ୍ଭାବ୍ୟ ଅଗ୍ନିକାଣ୍ଡ, ଭୂମିକମ୍ପ, ବଜ୍ରପାତ ଆଦି ବିପର୍ଯ୍ୟୟ ସମୟରେ ଶିକ୍ଷକଙ୍କ ଭୂମିକା, ଛାତ୍ରୀଛାତ୍ରମାନଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିବା ପାଇଁ ଯୋଜନା ଓ ମ୍ୟାପ ପ୍ରସ୍ତୁତ କରାଯାଇଥିଲା। ଶାରୀରିକ ଶିକ୍ଷା ପ୍ରଶିକ୍ଷକ ରମେଶ ବେରିହାଙ୍କ ପରିଚାଳନାରେ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସଭ୍ୟମାନଙ୍କ ସହ ବିଦ୍ୟାଳୟ ନିରାପତ୍ତା ସମ୍ପର୍କରେ ଆଲୋଚନା ହେବା ସହ ବିଦ୍ୟାଳୟରେ ଥିବା ସମ୍ଭାବ୍ୟ ବିପଦପୂର୍ଣ୍ଣ ସ୍ଥାନ ଚିହ୍ନଟ କରାଯାଇଥିଲା। ଏଥିସହ ତାର ନିରାକରଣ ସକାଶେ ପଦକ୍ଷେପ ନିଆଯାଇଥିଲା। ବିପର୍ଯ୍ୟୟର ମୁକାବିଲା ପାଇଁ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ଓ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଶପଥ ଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ମଧୁସୂଦନ ମିଶ୍ର, ବିକାଶ ଓରାମ, ସୀତାରାମ ସାହୁ, ସନ୍ଦୀପ ସାହୁ, ସୁଜିତ ଭୋଇ, ଭଗବାନ ଝାଙ୍କର, ସତ୍ୟଜିତ ବେହେରା, ସଦାଶିବ ପାଣ୍ଡେ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ତନସନା, ସ୍ୱର୍ଣ୍ଣଲତା ମାହାନା, ଜ୍ୟୋତିର୍ମୟୀ ଭୋଇ ସକ୍ରିୟ ସହଯୋଗ କରିଥିଲେ।



ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳନ ଅବସରରେ ଝୁଜୁମୁରା ବ୍ଲକ ବଡମାଲ୍ ଗ୍ରାମରେ ବୃକ୍ଷରୋପଣ ଅଭିଯାନ କରାଯାଇଛି।

### ସୂଚନା ଅଧିକାରରେ ତଥ୍ୟ ମାଗିଲେ ଦେଉନାହାନ୍ତି ଅଧିକାରୀ

**ଜିଲାପାଳଙ୍କ ପାଖରେ ଅଭିଯୋଗ କଲେ ଆବେଦନକାରୀ**

ବୌଦ୍ଧ,୨୬।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପୂର୍ତ୍ତବିଭାଗରେ ସୂଚନା ଅଧିକାର ନିୟମରେ ତଥ୍ୟ ମାଗିଲେ ଅଧିକାରୀ ତଥ୍ୟ ଦେଉ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଶଙ୍କୁଲୋଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ବେହେରା ଗତ ୨।୩।୨୪ରେ ବୌଦ୍ଧ ପୂର୍ତ୍ତବିଭାଗର ଜନସୂଚନା ଅଧିକାରୀଙ୍କ ନିକଟରେ ସୂଚନା ଅଧିକାର ନିୟମ ଅନୁଯାୟୀ ସୂଚନା ପାଇବା ପାଇଁ ଦାଖଲ କରିଥିଲେ। ସେ ବିଭାଗକୁ କେଉଁ କେଉଁ ପାଣ୍ଠିରୁ ଅନୁଦାନ ଆସୁଛି। ଚାରିଛକଠାରୁ ହରଭଙ୍ଗା, ଟିକିପରପଡା ରାସ୍ତାରେ କେଉଁ କେଉଁ ସ୍ଥାନରେ ଗାଡୱାଲ, କଲଭର୍ଟ ଓ ପିଚୁ ହୋଇଛି, କୋଠାବାଡି କେଉଁ କେଉଁ ସ୍ଥାନରେ ହୋଇଛି ଆଦି ବିଭିନ୍ନ କାମ ନେଇ ସୂଚନା ମାଗିଥିଲେ। କିନ୍ତୁ ବିଭାଗ ପକ୍ଷରୁ ସୂଚନା ଦେବା ବିଳମ୍ବ ହେତୁ ଗତ ୨୩।୪।୨୪ରେ ଜିଲାପାଳଙ୍କ ନିକଟରେ ତଥ୍ୟ ଦେଉ ନ ଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୧।୫।୨୪ରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ସୂଚନା ନ ପାଇବାରୁ ପୁଣି ଗତ ୨୪।୫।୨୪ରେ ଆବେଦନକାରୀ ବେହେରା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସୂଚନା ତ ଦେବା ଦୂରର କଥା, କୁଆଡେ ବିଭାଗୀୟ ଯନ୍ତ୍ରୀ ଧମ୍‌କଚମକ ଦେଉଥିବା ନେଇ ବେହେରା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଣି ଜିଲାପାଳଙ୍କ କାର୍ଯ୍ୟାଳୟରୁ ତଦନ୍ତ କରି ପଦକ୍ଷେପ ନେବାକୁ ଗତ ୭।୬।୨୪ରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସମସ୍ତ ଉନ୍ନୟନ କାର୍ଯ୍ୟ ସ୍ୱଚ୍ଛତାର ସହ କରାଯିବ



ସମୀକ୍ଷା ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

ଅମରପାଲି,୨୬।୬(ପୀତାମ୍ବର ସାହୁ)

**ବୀରମହାରାଜପୁର ପଞ୍ଚାୟତ ସମିତିର ସମୀକ୍ଷା ବୈଠକ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ବୁଧବାର ପଞ୍ଚାୟତ ସମିତିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଇଂ. ରଘୁନାଥ ଜଗଦଲା ଯୋଗଦେଇ ବିଭିନ୍ନ ବିଭାଗ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ନବ ନିର୍ବାଚିତ ବିଧାୟକଙ୍କୁ ବ୍ଲକ ତରଫରୁ ସ୍ୱାଗତ କରାଯାଇଥିଲା। ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଖାଦ୍ୟ ଓ ଯୋଗାଣ, ମତ୍ସ୍ୟ ପଶୁପାଳନ, କୃଷି, ଜଙ୍ଗଲ ଆଦି ବିଭାଗ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ତହସିଲଦାର ପୁନମ ମହାପାତ୍ର, ବିଡ଼ିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ଏବିଡିଓ ପୁରୁଷୋତ୍ତମ ଧରୁଆ, ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ପାଲୋଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ କୌଣସି ବିଭାଗରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିବା ସହିତ ସମସ୍ତ ଉନ୍ନୟନ କାର୍ଯ୍ୟ ସ୍ୱଚ୍ଛତାର ସହିତ କରାଯିବ ବୋଲି ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ।

# ରଥପୁର ଯାତ୍ରୀ ବିଶ୍ରାମାଗାର ବିପଦସଙ୍କୁଳ




ବିପଦସଙ୍କୁଳ ରଥପୁର ଯାତ୍ରୀ ବିଶ୍ରାମାଗାର।

ଅମରପାଲି,୨୬।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ରଥପୁର ଛକ ନିକଟରେ ଥିବା ଯାତ୍ରୀ ବିଶ୍ରାମାଗାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହା ବହୁବର୍ଷ ହେଲା ନିର୍ମାଣ କରାଯାଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଛି। ଜନସାଧାରଣ ବିଭିନ୍ନ ସ୍ଥାନକୁ ବସ୍ ଯୋଗେ ଯିବାପାଇଁ ଏଠାରେ ଖରା ଓ ବର୍ଷା ସମୟରେ ଅପେକ୍ଷା କରିଥାନ୍ତି। ହେଲେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାରୁ ଅପେକ୍ଷା କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଚାରିପଟ କାନ୍ଥ ଫାଟି ଆଁ କରିଛି। ଛାତରୁ ଖଣ୍ଡଖଣ୍ଡ ହୋଇ ସିମେଣ୍ଟ ଅତଡା ଖସି ପଡିବା ସହ ବିଶ୍ରାମାଗାର ଅବସ୍ଥା ଶୋଚନୀୟ ହୋଇପଡିଛି। ସାମାନ୍ୟ ବର୍ଷା ହେଲେ ପାଣି ଗଳୁଛି। ଫଳରେ ଯାତ୍ରୀମାନେ ଆଶ୍ରୟ ନେବାପାଇଁ ଭିତରକୁ ଯିବାକୁ ନିରାପଦ ମଣୁନାହାନ୍ତି। ଯେ କୌଣସି ମୁହୂର୍ତ୍ତରେ ଏହାର କାନ୍ଥ ଓ ଛାତ ଭାଙ୍ଗିଯିବାର ଆଶଙ୍କା ଦେଖାଦେଇଛି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ରଥପୁର ସମେତ ଯାଲୋଏ, କଳାପଥର, ପଣ୍ଡାପାଲି ଓ ଆଖପାଖ ଗ୍ରାମର ଲୋକେ ଏହି ଛକରୁ ଭୁବନେଶ୍ୱର, ବଲାଙ୍ଗୀର, ସମ୍ବଲପୁର, କଟକ, ରେଢ଼ାଖୋଲ, ଅନୁଗୋଳ ଆଦି ସ୍ଥାନକୁ ବସ୍ ଯୋଗେ ଯିବାକୁ ଏଠାରେ ଅପେକ୍ଷା କରିଥାନ୍ତି। ଏଠାରେ ଉପକାରାଗାର ତଥା ବିଭିନ୍ନ ସ୍କୁଲ ଓ କଲେଜ ରହିଥିବାରୁ ଏହି ଛକ ଉପରେ ଲୋକମାନେ ନିର୍ଭର କରିଥାନ୍ତି। ବିପଦସଙ୍କୁଳ ବିଶ୍ରାମାଗାରଟିକୁ ନୂତନ ଭାବରେ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଛନ୍ତି। ଜିଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

# ବିଡିଓଙ୍କୁ ଫେରାଦ ହେଲେ ଏସ୍‌ଏଚ୍‌ଜି ମହିଳା

ନାକଟିଦେଉଳ,୨୬।୬(ବୈକୁଣ୍ଠନାଥ ସାହୁ)



ବିଡିଓଙ୍କୁ ଫେରାଦ ହେବାକୁ ଆସିଥିବା ଏସ୍‌ଏଚ୍‌ଜି ମହିଳାମାନେ।

**ମିଶନ ଶକ୍ତି ମଞ୍ଚର ସହାୟତା ରାଶି ହେରଫେର**

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ଗିରିଶ୍ଚନ୍ଦ୍ରପୁର ମିଶନ ଶକ୍ତି ମଞ୍ଚର ସହାୟତା ରାଶି ହେରଫେର କରାଯାଇଥିବା ନେଇ ବିଡ଼ିଓଙ୍କଠାରେ ଅଭିଯୋଗ ହୋଇଛି। ଆଗାମୀ ୭ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରା ନ ଗଲେ ତହିଁ ପରଦିନ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବାକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାସ୍‌ମାନେ ଚେତାବନୀ ଦେଇଛନ୍ତି।

ପ୍ରାପ୍ତ ଖବର ଅନୁସାରେ ବ୍ଲକର ଗିରିଶ୍ଚନ୍ଦ୍ରପୁରର ଗ୍ରାମ ପଞ୍ଚାୟତର ୯ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ନେଇ ପଞ୍ଚାୟତସ୍ତରୀୟ ମିଶନ ଶକ୍ତି ମହାମଞ୍ଚ ପରିଚାଳିତ ହୋଇଛି। ଜଳ ବିଭାଜିକା ମିଶନ ରେଢ଼ାଖୋଲ ତରଫରୁ ମଞ୍ଚର ସମସ୍ତ ଦଳକୁ ସରକାରଙ୍କ ତରଫରୁ ୪ଲକ୍ଷ ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଇଥିଲା। ଏହି ସହାୟତା ରାଶି ପଞ୍ଚାୟତର ସିଆରପିଙ୍କ ସିଏଲଏଫ ଆକାଉଣ୍ଟରେ ଜମା ହୋଇଥିଲା। ତେବେ ସମ୍ପୃକ୍ତ ସିଆରପି କୌଣସି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନ ଜଣାଇ ସେ ନିଜେ ଉଠାଣ କରିଛନ୍ତି। ଏହା ଜାଣିବା ପରେ ସଂଘର ସଦସ୍ୟାମାନେ ତାଙ୍କୁ ପଚାରିବାରେ ସିଏ କୁଆଡେ ଦୁର୍ବ୍ୟବହାର କରିଥିଲେ। ଏ ସମ୍ପର୍କରେ ମଞ୍ଚର ସଦସ୍ୟାମାନେ ଗତ ୩ ତାରିଖରେ ରେଢ଼ାଖୋଲ ଉପଜିଲାପାଳଙ୍କୁ ଫେରାଦ ହୋଇଥିଲେ। ତେବେ ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ବୁଧବାର ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତର ବିଭିନ୍ନ ଏସ୍‌ଏଚ୍‌ଜି ଗ୍ରୁପର ଶତାଧିକ ମହିଳା ନାକଟୀଦେଉଳ ବିଡ଼ିଓଙ୍କ କାର୍ଯ୍ୟାଳୟ ଘେରାଉ କରି ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ବିଡ଼ିଓ ଧନାଇ ଚରଣ ଟୁଡୁ ଦାବିପତ୍ରକୁ ଗ୍ରହଣ କରି ଏ ଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଆନ୍ଦୋଳନରୁ ଓହରିଥିଲେ। ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀର କଳ୍ପନା ଭୋଇ, ସୁଜାତା ମହାପାତ୍ର, ବିମଳା ପ୍ରଧାନ, ବିନ୍ଧ୍ୟବାସିନୀ ଗୋଷ୍ଠୀର ବାସନ୍ତୀ ବିଶ୍ୱାଳ, ମିନତୀ ସାହୁ, ଗାୟତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀର ପଦ୍ମିନୀ ଭୋଇ, ରଶ୍ମିତା କାଲୋ, ମା' ମଙ୍ଗଳା ଗୋଷ୍ଠୀର ଗୋମତୀ ପ୍ରଧାନ, ତାପସ୍ୱିନୀ କାଲୋ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

